ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

## ଚଳିତ ସଂସ୍କରଣରେ ରହିଛି,


| | |
|---|---|
| ସଂପାଦକୀୟ | ୧ |
| ଆମ ଗାଁ ହାଲ୍‌ଚାଲ୍ | ୨ |
| ବାଘ ବି ଘାସ ଖାଇବ | ୫ |
| ଜୀବନ ବର୍ଷା | ୬ |
| ପହିଲି ବର୍ଷା | ୬ |
| ବତି | ୭ |
| ବର୍ଷା; ଦୁଇଟି ସ୍କେଚ୍ | ୭ |
| ବର୍ଷା ପାଇଁ ତିନୋଟି ଗପ | ୮ |
| ଲୋକ ବିଦ୍ୟାର ସଂସାର | ୯ |
| ବର୍ଷା କବିତା ଗୁଚ୍ଛ | ୧୩ |
| ଉତ୍ତରଦାୟୀ କିଏ | ୧୮ |
| ରଥଯାତ୍ରା ରିପୋର୍ଟ | ୨୧ |
| ବିଶେଷ ସୂଚନା | ୨୫ |


*ଆମର ଏହି ସଂସ୍କରଣକୁ ପାଠକଲାବେଳେ ଏବଂ ଡାଉନ୍‌ଲୋଡ କଲାବେଳେ ଆପଣଙ୍କୁ ଏକ ଫର୍ମରେ ନିଜ ନାମ ଓ ଇ-ମେଲ୍ ଠିକଣା ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବ। ଅବଶ୍ୟ ଏହା ଦ୍ୱାରା ଆପଣଙ୍କୁ କୌଣସି ପ୍ରକାରର ଅସୁବିଧା ହୋଇନଥିବ। ତଥାପି ଆମର ଏତାଦୃଶ କାର୍ଯ୍ୟଯୋଗୁଁ ଯଦି ଆପଣ ସନ୍ତୁଷ୍ଟ ନଥାଆନ୍ତି, ତେବେ ଆମେ କ୍ଷମାପ୍ରାର୍ଥୀ।*

ଆମ ୱେବ୍‌ସାଇଟ୍‌ରେ ବିଜ୍ଞାପନ ଦେବାପାଇଁ ଇଚ୍ଛୁକ ବ୍ୟକ୍ତି କିମ୍ବା ବ୍ୟବସାୟିକ ସଂଗଠନ ୯୮୬୧୯୬୨୧୬୦ ନମ୍ବରରେ କଥା ହୋଇପାରିବେ। ଆମ ୱେବ୍‌ସାଇଟ୍ ତଥା ଏହି ଇ-ପତ୍ରିକାକୁ ନିଜ ୱେବ୍‌ସାଇଟ୍ ଦ୍ୱାରା ବିସ୍ତାର କରିବାକୁ ଏବଂ ପ୍ରତିବଦଳରେ ନିଜ ୱେବ୍‌ସାଇଟ୍‌କୁ ଏହି ପତ୍ରିକାରେ ପ୍ରକାଶିତ କରିବାକୁ ଇଚ୍ଛୁକ ୱେବ୍ ମାଷ୍ଟର୍ ମାନଙ୍କୁ ସ୍ୱାଗତ।

## ସଂପାଦକୀୟ

ଚିରହରିତ ବନାନୀ ପରିବେଷ୍ଟିତ ଉତ୍କଳ ରାଜ୍ୟ ସଦା ଜୀବିତ, ସଦା ପ୍ରଫୁଲ୍ଲିତ ରହୁ, ଏହି କାମନା ସହିତ, ଅର୍ପଣ କରୁଛି, ଏହି ମାସର ଆହ୍ୱାନ। ସଦ୍ୟ ସମାପିତ ଉତ୍କଳ ଗଜ ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କ ରଥଯାତ୍ରା ସୁରୁଖୁରୁରେ ହୋଇଯିବା ସମଗ୍ର ବିଶ୍ୱପାଇଁ ପୁଣି ଥରେ ପ୍ରମାଣିତ କରିଛି, ଯେ ରଥାରୂଢ ମହାପ୍ରଭୂ କେବଳ କାଷ୍ଠ ପାଷାଣର ପ୍ରତିମା ନୁହନ୍ତି, ବରଂ ସମଗ୍ର ବିଶ୍ୱ ବନ୍ଦିତ ସର୍ବଜନ ବିଦିତ ଅଟନ୍ତି। ସୁଦୂର ଆମେରିକାରେ ରହୁଥିବା ଓଡିଆ ମାନଙ୍କ ଦ୍ୱାରା ରଥଯାତ୍ରାର ମହାସମାରୋହରେ ପାଳନ ପର୍ବ ଏହି ପରଂପରାକୁ ସାତ ସମୁଦ୍ର ତେର ନଈ ପାର କରି ଖ୍ୟାତିପ୍ରାପ୍ତ କରାଇଛି। ପୁରୀ ଶ୍ରୀ ଜଗନ୍ନାଥ ଧାମ ସମେତ ସମଗ୍ର ଓଡିଶାର ପୁରପଲ୍ଲୀରେ ରଥରେ ବସାଇ ଜଗନ୍ନାଥଙ୍କୁ ମାଉସୀ ମା ମନ୍ଦିରକୁ ଟାଣି ନେବାର ଅପୂର୍ବ ପରଂପରା ସମଗ୍ର ମାନବ ଜାତିକୁ ଏକତାର ପାଠ ଅବଶ୍ୟ ପଢାଇବ। ଭାରତର ବଲିଉଡ୍ ଭାବରେ ପରିଚିତ ମୁମ୍ବଇ ସହରରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାର କିଛି ଛବି ବନ୍ଧୁ ରମଣୀ ରଞ୍ଜନଙ୍କ ସହାୟତାରେ ଉପସ୍ଥାପନ କରିଛି। ଏହା ସହିତ ଉପସ୍ଥାପିତ ହୋଇଛି ପୁରୀ ରଥଯାତ୍ରାର କିଛି ଛବି, ଏବଂ ଅନ୍ୟ କେତୋଟି ସ୍ଥାନରେ ହୋଇଥିବା ରଥଯାତ୍ରାର ଛବି।

ବିଗତ ଏକ ମାସ ଓଡିଶାପାଇଁ ପୁଣି ଏକ କାଳିମାମୟ ମାସ ଭାବରେ ପ୍ରମାଣିତ ହୋଇଛି। କଣ୍ଟାବାଞ୍ଜି, ନୟାଗଡ ସମେତ ସମଗ୍ର ଓଡିଶାରୁ ଶିଶୁଭ୍ରୁଣ ହତ୍ୟା ସଂପର୍କିତ ଖବର ଓ ତତ୍ ସହିତ ସମଗ୍ର ଓଡିଶାରେ ଆରମ୍ଭ ହୋଇଥିବା ଧରପଗଡ ଅଭିଯାନ ଅନେକ ଖୋରାକ ଯୋଗାଇଛି, ସଚେତନତା ଓ ଆଲୋଚନା ପାଇଁ। ରାଜଧାନୀ ଭୁବନେଶ୍ୱର ସମେତ ଓଡିଶାର ପ୍ରତ୍ୟେକ ଛୋଟବଡ ସହର ବାଦ୍ ଯାଇନି। ବଲାଙ୍ଗୀର ପରି ଏକ ଅନୁନ୍ନତ ଜିଲ୍ଲାରୁ ପରିଚାଳିତ ନକଲି ଔଷଧ କାରବାରର ଡୋର ସୁଦୂର ମୁମ୍ବଇ ଓ ଦିଲ୍ଲୀ ପର୍ଯ୍ୟନ୍ତ

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଲମ୍ବିଥିବାର ଖବର ନିଶ୍ଚୟ ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିବ । ସେ ଯାହେଉ, ସଂପ୍ରତ୍ତି ଚାଲିଥିବା ଧରପଗଡ ଅଭିଯାନ ଦ୍ୱାରା ଓଡିଶାର ପୁରପଲ୍ଲୀରେ ମାଳିଯାଇଥିବା ବେସରକାରୀ କ୍ଲିନିକ୍ ମାନଙ୍କର କଳାଧନ୍ଦା ବାହାରକୁ ଆସିଛି ସତ, ଏହା ଦ୍ୱାରା ଅର୍ଦ୍ଧାଧିକ କ୍ଲିନିକ୍ ଓ ନର୍ସିଂ ହୋମ୍ ବନ୍ଦ କରିଦିଆଯାଇଛି । ଏହା ଦ୍ୱାରା କିଛି ଲାଭ ହେଉ ନ ହେଉ, ସାଧାରଣ ଜନତା କିନ୍ତୁ ନୟାନ୍ତ ହେବେ ଏହା ପ୍ରମାଣିତ ହୋଇ ସାରିଲାଣି ।

ରାଜ୍ୟ ରାଜନୀତିରେ ଚାପର ସମ୍ମୁଖୀନ ହେଉଥିବା ବେଳେ ଓଡିଶା ଉପକୂଳରେ ଲଘୁଚାପର ଝଡ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ତିରିଶିରୁ ପଚିଶି ଜିଲ୍ଲାରେ ବନ୍ୟା ବିଭିଷିକା ଦେଖା ଦେଇଥିବା ବେଳେ ଉପକୂଳବର୍ତ୍ତୀ ଅନେକ ଜିଲ୍ଲାରେ ସମୁଦ୍ରଜଳ ମାଡିଆସି ପ୍ରବଳ ପ୍ରଳୟର ସମ୍ଭାବନାକୁ ଦୃଢ କରିଦେଉଛି ।

ସଂପ୍ରତ୍ତି ଓଡିଶାର ଏହି ଝଡମୟ ବାତାବରଣକୁ ଶାନ୍ତକରିବା ପାଇଁ ଉପସ୍ଥାପନ କରୁଛି, ଚଳିତ ମାସର ଆହ୍ୱାନ ପତ୍ରିକା । ଏହି ପତ୍ରିକାକୁ ବ୍ୟବସାୟୀକ କରିବାପାଇଁ ଅନେକ ପ୍ରସ୍ତାବ ଅନେକ ବନ୍ଧୁ ଦେଇଛନ୍ତି, ତେଣୁ ମୁଁ ଆହ୍ୱାନ କରୁଛି, ନୂତନ ଚିନ୍ତା ଆଉ ଉପାୟର, ଯାହାଦ୍ୱାରା ଏହି ପତ୍ରିକାର ଆହୁରି ଅଧିକ ଉନ୍ନତି ହୋଇପାରିବ । ଧନ୍ୟବାଦ ।

ଡ ଜ୍ୟୋତି ପ୍ରସାଦ ପଟନାୟକ

## ଆମ ଗାଁ ହାଲ୍‌ଚାଲ୍

ଦିପହର ବେଳକୁ ଉଦିଅ ପଧାନ ତା ବଳଦ ହଳକୁ ଧରି ଫେରିଲା । ଦୁଆରେ ବସି ଦଣ୍ଡାସି ଦିଗିତ କହୁଥିଲା, 'କ'ଣରେ ପଧାନ ପୁଅ, ଚଷିଲୁ । ହିଡରେ ଟୋପାଟେ ପାଣି ନାଇଁ । କିସ ପାଇଁ ବଳଦ ହଳକୁ କଷ୍ଟ ଦଉଚୁ । ଦିନେ ଦି ଦିନ ଜଗେ, ବର୍ଷା ଦି ଟୋପା ପଡିଲେ ମାଟି ଆପେ ଆପେ ଓଦା ହେଇ ନରମିଯିବ । ତା'ପରେ ହଳ କରିବୁ ।' ବଳଦେ ନେଇ ଯାଉ ଯାଉ ଉଦିଆ କହିଲା, 'ଅଜା, ଏଇମିତି ବରଷା ନାଗି ଜଗିଥିଲେ, ହେବନି । ଖାଇ ପିଇ ମେଖା ହେଇଚନ୍ତି, ଦି ଓଳି ହଳ କରିବେନି ବୋଇଲେ ରୋଗ ହେଇଯିବ ।'

କାର୍ଜି କହିଲେ, 'ସତ କହିଲା ଏକା । ଏଇ ବରଷଟା ଭଲ ଯିବନି ପରା । ମାଳିକା ଦେଖି କହିନି । ଆରେ ବରଷା ତ ବରଷା ମାଟି ମେଲା ହେଇ ଆଁ କରିବ । ଚାଷ କଥା ଭୁଲି ଯାଅ ।' ପଧାନ କିଛି ନ କହି ଚାଲିଗଲା । ଦୁଆରେ ବଳଦ ହଳକୁ ବାନ୍ଧି ଡୋଙ୍ଗାରେ ପେଜପାଣି ଡାଳିଦେଇ ଭିତରକୁ ଗଲା । ଗାଁ ଦାଣ୍ଡ ସ୍ୱାଭାବିକ ଭାବେ ପୁଣିଥରେ ନିର୍ବାକ ହେଇଗଲା । ଓଦା ଗାମୁଛାରେ ମୁଣ୍ଡ ପୋଛି ପୋଛି ଖଲିଆ ଓଡିଆ ଘରକୁ ଫେରିଲା ବେଳକୁ କାର୍ଜି କହିଲେ, 'କିରେ, କୁଆଡେ ଯାଇଥିଲୁ? ଗାଧୋଇ ଆସିଚୁ ନା ଝାଳରେ ଓଦା ହେଲୁ ବା?' ଖଲିଆ ହସିଦେଇ କହିଲା, 'ଅଜା, କ୍ଷେତକୁ ଯାଇଥିଲି । ବିଲରେ ପାଣି ମଡେଇ ଆସିଲି ।'

'ପାଣି' ସମସ୍ତେ ଆଁ କରି ତା'କୁ ଚାହିଁ ରହିଲେ । ବନ୍ଧ ହୁଡାରେ ଖାଲ କରି ପାଣି ବୁହାଇ ବିଲରେ ପକାଇଥିଲା । ସାଙ୍ଗେ ସାଙ୍ଗେ ଗାଁ ଦାଣ୍ଡରେ ଝଗଡାର ସୂତ୍ରପାତ ହୋଇଗଲା । କରଣ ଓ କାର୍ଜି ମିଶି ସଲାସୁତରା କରି କଥାଟାକୁ ରଫାଦଫା କରିଦେଲେ ସିନା ହେଲେ ଅଧିକାଂଶ ଗାଁ ବାଲାଏ ରାଗରେ ପଞ୍ଚମ ହେଲେ । ସଞ୍ଜ ହେଉ ହେଉ କଥାଟା ଗାଁ ଡେଇଁ ପଡୋଶୀ ଗାଁରେ ପ୍ରଚାର ହେଲା । ପାଖଗାଁ ଲୋକେ କହିଲେ, 'ଛି, ନିଜ ଜମିରେ ପାଣି ମଡେଇବ ବୋଲି ଗାଁ ପୋଖରୀରୁ ହିଡ କାଟିନେଲା । ଆମ ଗାଁରେ ହେଇଥିଲେ ତା' ହାତ କାଟି ଦେଇଥାନ୍ତୁ ।' ସତ କଥା ଏକା, କି ବିଶ୍ୱାସ । ଗଲା ସନ ସେଇ ଗାଁରେ ଚୋରଟେ ପଶିଥିଲା ଯେ ବାଉଁଶରେ ବାନ୍ଧି ତାକୁ ମଝିରୁ ଦି ଫାଳ କରିଦେଲେ । ଏକା ଦୁଷ୍ଟ ସିନା ହେଲେ ଗାଁରେ ଏକତା ବେଶୀ ।

ଏହା ଶୁଣି ଗାଁର କିଛି ଟୋକାଙ୍କୁ ଭାରି ବାଧିଲା, ମନେ ମନେ କହିଲେ କଣ ଆମ ଗାଁରେ ଏକଲା ନାହିଁ । ରାତା ରାତି ନିଷ୍ପତ୍ତି ହେଲା ଯେ ଖଲିଆକୁ ଉଚିତ ଶିକ୍ଷା ଦିଆଯିବ । ଦୁରୁଯ କହିଲା, 'ଶଳାଟାର ହାତ ଦିଟା କାଟି ଦେବା ।' ଅଭି କହିଲା, ଗୋଡ ଭାଙ୍ଗିଦେବା । ଏମିତି ସବୁ କଥା ହେଉ ହେଉ

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଚାରେଣୀଆକୁ ଆଉ କଥା ହଜମ ହେଲାନି। ସେ ସେଇଠୁ ଚୁପ୍‌ଚାପ ଖସି ଆସି କରଣଘରେ ପହଞ୍ଚିଲା।

କରଣେ କହିଲେ, 'କଣ ହେଲାରେ ଚାରେଣୀ ଆଜି ତୁଠକୁ ଯାଇନୁ?' ଚାରେଣୀ ଏକା ଶ୍ୱାସରେ ସବୁ କଥା ଖୋଲି କହିଦେଲା। ସେଇଠୁ କରଣେ କହିଲେ, 'ଯା ଖଲିଆକୁ କହିବୁ ମୁଁ ଡାକିଛି।' ସେ ରାତିରେ ଖଲିଆ କରଣଘର ଗୁହାଳରେ ଲୁଚି ରହିଲା। ଗାଁ ଟୋକା ତାକୁ କେତେ ଖୋଜିଲେ ବି ପାଇଲେନି। ସକାଳୁ ସକାଳୁ ଭଣ୍ଡାରୀ ହାଡିବାଇଦ ଧରି ଗାଁ ଦାଣ୍ଡରେ ଗାଁ ଟୋକାଙ୍କୁ କୋଠ ଘରେ ଏକାଠି ହେବାକୁ ଡାକିଲା।

ଦିପହର ବେଳକୁ କୋଠଘରେ ଭିଡ ଜମିଲା। କରଣେ ଜଣ ଜଣ କରି ଦୁରୁଯ, ଅଭି ଆଉ ଅନ୍ୟ ସମସ୍ତଙ୍କୁ ଠିଆ କରାଇ ଗତ ସନ୍ଧ୍ୟାର ବଖାଣ କଲେ। ଗାଁ ଲୋକେ ପାଟିରେ ହାତ ଦେଇଦେଲେ। କାର୍ଜି କହିଲେ, 'ଏୟା ଶିକ୍ଷା ପାଇଛ କି ରେ। ହାଁ ହାତ କାଟି ଦେବ, ଗୋଡ ଭାଙ୍ଗିଦେବ। ବାଃ ତୁମ ବୋପାମା' ବଡ ଖୁସି ହେବେ ନାଇଁ। ଛି, ଘୃଣା ଆସୁଛି। ଲାଜ ଲାଗୁନି। ତୁମେ ସବୁ ଶିକ୍ଷିତ ହେଇଛ? ଆଉ କରଣେ କହୁଥିଲେ ଗାଁରେ ସ୍କୁଲ୍‌ଟେ ଖୋଲିବା, ଦୁରୁଯ, ଅଭି ଆଉ ସମସ୍ତଙ୍କୁ ମାଷ୍ଟ୍ର କରିବା। ବାଃ ଭଲ ଶିକ୍ଷା ଦେଖେଇଲ। ହାଁ।' ଗାଁ ସ୍କୁଲ୍ କଥା ଶୁଣି, ଅଭିର ବୋପା କହିଲା, 'ସତେକି ମାଷ୍ଟ୍ରେ। ଗାଁରେ ସ୍କୁଲ୍ ଖୋଲିବ? ମୋ ଅଭିଟାକୁ କାମରେ ନଗେଇଦିଅ, ତୁଛାଟାରେ ଦିନସାରା ଗାଁ ଦାଣ୍ଡରେ ଏପାଖ ସେପାଖ ହେଉଛି ସିନା।' କାର୍ଜି କହିଲେ, 'କାମ? ଯା ତୋ ପୁଅକୁ ମାଳକୁ ପଠେଇ ଦେ, ସେଇଠି ଯାଇ ଡାକୁ ହବ। ଲୋକଙ୍କର ହାତ କାଟିବ, ଗୋଡ ଭାଙ୍ଗିବ।' ଏତିକି ଶୁଣୁ ଶୁଣୁ ଅଭି କରଣଙ୍କ ଗୋଡତଳେ ପଡିଗଲା, କହିଲା, 'ଆଜ୍ଞା ମୋର ବଡ ଭୂଲ ହୋଇଗଲା। ଆଉ ସେ ଭୂଲ ହେବନି।' ତା ଦେଖାଶିଖା ବାକି ଯେତେ ଥିଲେ ସବୁ ଗୋଡ ତଳେ ପଡିଗଲେ। ସେ ଯା'ହେଉ ମିଛ ପଦୁଟିଏ କହିଲେ ସିନା, ଗାଁ ସାରା ଯୁଆନ୍ ଟୋକା ସବୁ ସୁଧୁରି ଗଲେ।

ସଞ୍ଜ ବେଳକୁ ଗାଁ ମଝି ମଣ୍ଡପ ଉପରେ ବସି ବଳିଆନା କହୁଥିଲା, 'ଏ ସନ ବର୍ଷା ନ ହେଲେ ଆମେ ଖାଇବା କଣ? ଜମିରେ ହଳ ଚାଲିଲେ ତ କିଛି ହେବ। ସବୁ ଚିନ୍ତାରେ ପଡିଗଲେ। ଏମିତି କେବେ ବି ହେଇନଥିଲା। ସବୁ ବର୍ଷ ଠିକ୍ ସମୟରେ ବର୍ଷା ହୁଏ, ଚାଷବାସ ହୁଏ। ସେଇଠୁ ଗାଁର କିଛି ପିଲା ବାହାରିଲେ କହିଲେ ବେଙ୍ଗ ବାହା କରିବା। ଚାଲ ବାମୁଣୀ (ବ୍ରାହ୍ମଣୀ ବେଙ୍ଗ- ଏକ ପ୍ରକାରର ବଡ ଆକାରର ବେଙ୍ଗ) ଧରିବା। ସେଇଠୁ ଦଳେ ଝପଟି ଗଲେ, ଗାଁ ଶେଷରେ ଥିବା ନଈ ଆଡକୁ।

ପରଦିନ ସକାଳୁ ସକାଳୁ ଗୋଟେ ବଡ ବେଙ୍ଗକୁ ବାଉଁଶରେ ବାନ୍ଧି ଗାଁ ପିଲାଏ ଗାଁ ଦାଣ୍ଡରେ ବୁଲିଲେ। ଘରଘର ବୁଲି ଚାନ୍ଦାଭେଦା ଆଦାୟ କଲେ। ସକାଳୁ ଯାଇ ଦୋପହର ହେଲା ହେଲେ ଆକାଶରେ ମୁଠାଏ ମେଘ ଦିଶିଲାନି। ସଞ୍ଜ ବେଳକୁ ପିଲାଏ ଆଦାୟ ହେଇଥିବା ଶହେ ତିରିଶି ଟଙ୍କାରେ ଚାଉଳ ଖିରି କରି ଗାଁରେ ବାଣ୍ଟିଲେ। କୋଠ ଦୁଆରେ ବସି ପରିସ୍ଥିତି କଥା ଅନୁଧ୍ୟାନ କରି କରଣେ କହିଲେ, 'ନାଁ ଆଉ ଉପାୟ ନାହିଁ, ଆମକୁ ଆଉଥରେ ଗିରି ଗୋବର୍ଦ୍ଧନ ପୂଜା କରିବାକୁ ହେବ।' ଗିରି ଗୋବର୍ଦ୍ଧନ ପୂଜା କଥା ଶୁଣି, ଗାଁର ପୁରୁଖା ଦଣ୍ଡାସି ଦିଗିତ କହିଲା, 'ମାଷ୍ଟ୍ରେ କଥା ପରି କଥାଟେ କହିଲ।' ସବୁ ଚୁପ୍ ହେଇ ଶୁଣୁଥାନ୍ତି। ଅଧାଲୋକ କିଛି ବୁଝିପାରିଲେନି। କାର୍ଜି ସେଇଠୁ ବଖାଣିଲେ।

ଯେତେବେଳେ ଗାଁରେ ବର୍ଷା ହୁଏନି, ଗାଁ ଲୋକେ କୀର୍ତ୍ତନ କରି କରି ଗାଁ ମୁଣ୍ଡିଆ (ଛୋଟ ପାହାଡ) କୁ ଯାଆନ୍ତି ଆଉ ସେଇଠି ବାନା ପୋତି ଫେରନ୍ତି, ଆଉ ନିଶ୍ଚୟ ବର୍ଷା ହୁଏ। କିଛି ଲୋକ କହିଲେ, 'ଏଇଟା କାହାଣୀ। ସତ ନୁହେଁ।' ନୂଆ ନୂଆ ମାଷ୍ଟ୍ର ଚାକିରୀ ପାଇଥିବା ହରି ମିଶ୍ରେ କହିଲେ, 'ଏସନ ମଉସୁମୀ ଆସିନି, ବର୍ଷା ହବ କୁଆଡୁ।' ମାତ୍ର ଦଣ୍ଡାସି ଦିଗିତ କହିଲା, 'ନାଇଁ ଆଜ୍ଞା, ପାଠୁଆ ହେଲ ବୋଲି ଏମିତି କହୁଚ ସିନା, ଗିରି ଗୋବର୍ଦ୍ଧନ ପୂଜା କଲେ ସତରେ ବର୍ଷା ହେବ। ମୁଁ ପିଲାଥିଲି, ସେଇ ସମୟରେ ଏମିତି ବର୍ଷା

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ହେଇନଥିଲା। ସେଇଠୁ କରଣ ଆଜ୍ଞାଙ୍କର ବାପା ଥିଲେ ଯେ କହିଲେ ଗିରି ଗୋବର୍ଦ୍ଧନ ପୂଜା କରିବା। କି ଜ୍ଞାନୀ ଲୋକ ଥିଲେ ସେମାନେ ଆଜ୍ଞା। କହିଲେ ବିଶ୍ୱାସ କରିବନି। ଦିପହର ବେଳକୁ କୀର୍ତ୍ତନ ପାଇଁ ସଜବାଜ ହେଲା ବେଳକୁ ଟାଇଁ ଟାଁଇ ଖରା ହେଉଥିଲା। କୀର୍ତ୍ତନୀଆ ମାନେ ପାହାଡ ଚଡିଲା ବେଳକୁ ବି ସେଇ ଖରା, ମାତ୍ର ଯେମିତି ସବୁ ଯାଇ ମୁଣ୍ଡିଆରେ ପହଞ୍ଚିଲେ, କୁଆଡୁ ଥିଲା ମେଘ ଆସି ଏମିତି ଡି ଡି ବର୍ଷିଲା ଯେ, ଘର ପର୍ଯ୍ୟନ୍ତ ଫେରିବାକୁ ବାଟ ପାଇଲେ ନି। ଦି ଦିନ ଲଗାତାର ବର୍ଷା ହେଲା।' ସବୁ ଲୋକ ଦିଗିତର କଥା ଶୁଣିଲେ। କାର୍ଜି କହିଲେ, ରାଧୁ ମିଶ୍ରଙ୍କୁ ପଚାର, ସେ କେବେ କହିଲେ, ଯିବା ପୂଜା କରିବା। ରାଧୁ ମିଶ୍ର ସାଙ୍ଗେ ସାଙ୍ଗେ ଗୋଟା ଖଡି କାଡିଲେ, ସେଇ କୋଠଘର ପିଣ୍ଡାରେ ଗାରେଇ ଗାରେଇ ଅଙ୍କ କଷିଲେ। ଆଉ କହିଲେ, ଶନିବାର ଦିନ ଶୁଭ। ବାସ୍ ଶନିବାର ଦିନ ପାଇଁ ଯୋଗାଡ ଯନ୍ତ୍ର ଚାଲିଲା। ଅଧାଲୋକ ଆତୁର ହୋଇ ବର୍ଷାପାଇଁ ସବୁ କିଛି କରିବାକୁ ବସିଲା ବେଳକୁ ଆଉ କେତେଟା ଅକାଳକୁଷ୍ମାଣ୍ଡ ଏମାନଙ୍କର ଥଟା କରିବା ଆରମ୍ଭ କରିଦେଲେ।

ହରିଆ ଓଡିଆ କହିଲା, 'ଥଟା କାହିଁକି କରିବୁନିରେ ବୋପା। ତୋ ବୋପା ଜମିରେ ଖଟି ଖଟି ଧାନ ଚାଉଳ ଘରେ ରଖିଦେଉଛି, ବୋଲି ପଙ୍ଗତ (ଭୋଜନ) ପକେଇ ଗାଁରେ ବୁଲୁଚୁ, ତୋତେ କୁଆଡୁ ଜଣା ପଡିବ ଦୁଃଖ କଷ୍ଟ।'

ଶନିବାର ଗାଁ ସ୍କୁଲ୍ ଅଧାରୁ ଛୁଟି କରିଦିଆଗଲା। ଦିପହର ପରେ ସବୁ ଏକାଠି ହୋଇ ଗାଁ କୋଠଘରୁ କୀର୍ତ୍ତନ ଆରମ୍ଭ କଲେ। ହରେ କୃଷ୍ଣ ହରେ ରାମ ଧ୍ୱନୀ ସହିତ ଆହୁରି ଅନେକ ଭଜନ ସବୁ ଗାଇ ଗାଇ ବାହାରିଲେ। ଟାଣ ଖରା ସାଙ୍ଗକୁ ଝାଞ୍ଜି ମାରି ସମସ୍ତଙ୍କ ମୁହଁ ଶେତା ପଡିଗଲା। ଅନେକେ କାର୍ଜି କରଣ କଥାକୁ ଥଟା କଲେ। ପାହାଡ ଚଡିବା ଯେ କେତେ କଷ୍ଟ ତାହା ଖରାରେ ପୁଣି। ସେ ଯାହେଉ, ରାସ୍ତାରେ ନ ରହି ସବୁ ମୁଣ୍ଡିଆରେ ପହଞ୍ଚିଲେ। ରାଧୁମିଶ୍ରେ ମନ୍ତ୍ର ଫୁଙ୍କି ପୁରାଣ ବାହାର କରି ପୂଜା ଆରମ୍ଭ କଲେ। କାହାର ହେଲେ ଧ୍ୟାନ ପୂଜାରେ ନଥାଏ, ସବୁ ଆକାଶକୁ ଛାଣୁଥାନ୍ତି। କାଳେ କୁଆଡି ମେଘ ଆସିଯିବ। ଦି ଘଣ୍ଟା କାଳ ଗରମରେ ସବୁ ବସିଲେ ଆଉ ରାଧୁମିଶ୍ରେ ପୂଜା ସାରିଲେ। ନବାତପଣା ସାଙ୍ଗକୁ ନଡିଆ, ଉଖୁଡା ସବୁ ଭୋଗ ହେଲା, ସମସ୍ତେ ଖାଇଲେ, ମାତ୍ର ବର୍ଷା ହେଲାନି। ମେଘର ନାଁ ଗନ୍ଧ ନଥିଲେ। ରାଧୁମିଶ୍ରେ ରାଗିଯାଇ କହିଲେ, 'ମେଘ ଆସିବ କୁଆଡୁ। ସମସ୍ତେ ବିଶ୍ୱାସରେ ରହିଲେ ତ କାମଟେ ହେବ ନା। ଅଧାଲୋକ ତ ମଜା ଦେଖିବା ପାଇଁ ଆସିଚନ୍ତି।' ସଞ୍ଜ ହେଉ ହେଉ ସବୁ ଗାଁକୁ ଫେରିଲେ।

ରାତିରେ ଖିଆପିଆ ସାରି ଦୁଆରେ ବସିଥିଲେ କରଣେ। ଦିଗିତ ବୁଡା ଆସି କହିଲା, 'ଆଜ୍ଞା ଚିନ୍ତା କରନି, ଆଜି ନହେଲା ନାଇଁ କାଲି ହେବ।' କରଣେ ଚିନ୍ତାରେ ପଡିଗଲେ। ଏକା ଗାଁର ବଡ କରଣ ହେଲେ ତାଙ୍କ କଥା ରହିଲାନି। ତାଙ୍କ ବୋପାଦଦା କେତେ କାମ କରିଯାଇଚନ୍ତି। ସେଇଠୁ ଉଠିଲେ, କୋଠଘର ଆଡୁ ଆସୁଛି କହି, ପାଦଟିଏ ବଡାଇଚନ୍ତି କି ନାଇଁ ଟପ୍ କରି ପାଣି ଟୋପାଟିଏ ତାଙ୍କ ମଥାରେ ପଡିଲା, କୁଆଡୁ ପାଣି ଆସିଲା କହି ଉପରକୁ ଦେଖିଲା ବେଳକୁ, ଝରଝର କରି ବର୍ଷାର ଧାର ବହିବାକୁ ଲାଗିଲା। ଦେଖୁ ଦେଖୁ କୁଆଡୁ ମେଘ ସବୁ ଆସିଲା, ଡି ଡି ବର୍ଷାରେ ଗାଁ ଦାଣ୍ଡରେ ପାଣିସୁଅ ଭାସିଲା। ସେଇ ବର୍ଷାରେ ତିନ୍ତି ତିନ୍ତି କରଣେ କୋଠ ଘରକୁ ଯାଇ କାଳିଆ ଆଗରେ ପ୍ରଣିପାତ କରୁଥିଲେ।

*ଆପଣ ଦେଖୁଥିବେ ପ୍ରତ୍ୟେକ ପୃଷ୍ଠାରେ ଆହ୍ୱାନ ନାମ ସମ୍ବଳିତ ଜଳଛବି ଦିଆଯାଇଛି, ଏହାଦ୍ୱାରା ଆମ ପତ୍ରିକାକୁ ନକଲ କରିବା ସମ୍ଭବ ହେବ ନାହିଁ, ଏବଂ ଆମ ପତ୍ରିକାରୁ କୌଣସି ଲେଖା କେହି ଉତ୍ତାରି ପାରିବେ ନାହିଁ। ଏହା ଆମ ପତ୍ରିକାକୁ ଅନନ୍ୟ କରିବାରେ ସାହାଯ୍ୟ ହେବ। ଏତଦ୍ ବ୍ୟତୀତ ଏହି ସଂସ୍କରଣରେ ବିଜ୍ଞାପନ ବି ସ୍ଥାନ ପାଇଛି, ଅବଶ୍ୟ ଏହାଦ୍ୱାରା ଆପଣଙ୍କୁ ଏହି ପତ୍ରିକା ପଢିବାରେ କୌଣସି ଅସୁବିଧା ଉପଲବ୍ଧି ହେବନାହିଁ, ତାହା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଧନ୍ୟବାଦ।*

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ବାଘ ବି ଘାସ ଖାଇବ

ଗୋଟିଏ ପ୍ରବାଦ ଅଛି ଯେ, ବାଘ ଭୋକରେ ମରିଯିବ ପଛେ ଘାସ ଖାଇବ ନାହିଁ। ଏ ଉକ୍ତି ଅନ୍ତତଃ ପକ୍ଷେ ଗୋଟିଏ କଥା ସୂଚାଏ ଏବଂ ତାହା ହେଉଛି ପଶୁପକ୍ଷୀମାନଙ୍କ ଜୀବନଶୈଳୀ ପ୍ରକୃତି ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ଢେର ଶୃଙ୍ଖଳିତ। ସେମାନଙ୍କ ଆହାର, ନିଦ୍ରା ଏବଂ ମୈଥୁନ; ସବୁ କିଛି ଶୃଙ୍ଖଳିତ ଏବଂ ସୁନିୟନ୍ତ୍ରିତ। କିନ୍ତୁ ଏବେ ଦେଖାଯାଉଛି ଯେ ଏହା ଆଉ ସ୍ୱତଃସିଦ୍ଧ ହୋଇ ରହିନାହିଁ। ଧୀରେ ଧୀରେ ପରିସ୍ଥିତି ଏଭଳି ହେଉଛି ଯେ ପଶୁପକ୍ଷୀମାନଙ୍କୁ ନେଇ ଏଭଳି କଥା ଆଉ ହଲପ କରିହେବ ନାହିଁ।

ଦୁଇଦିନ ତଳେ ଏକ ଟିଭି ଚ୍ୟାନେଲ୍‌ରେ ଦେଖାଇଥିଲା ଯେ କିଭଳି ଲଣ୍ଡନରେ ଏକ 'ସି ଗଲ୍' ପକ୍ଷୀ ଗୋଟିଏ ସ୍ନାକ୍‌ସ ଷ୍ଟୋରରୁ ନିୟମିତ ଭାବେ ଆଳୁଚିପ୍‌ସ ଚୋରି କରି ଖାଉଛି। ଦୋକାନରେ ଲାଗିଥିବା କ୍ଲୋଜ୍ ସର୍କିଟ୍ କ୍ୟାମେରାରେ ତୋଳାଯାଇଥିବା ଚିତ୍ରରୁ ସ୍ପଷ୍ଟ ଭାବେ ଦେଖାଯାଉଛି ଯେ ଦୋକାନର କବାଟ ଟିକିଏ ମେଲା ହେବା ମାତ୍ରକେ ଚୋରଣୀ ସି ଗଲ୍‌ଟି ପାଦ ଚିପି ଚିପି ଆସି ଦୋକାନର ଥାକରୁ ଆଳୁ ଚିପ୍‌ସ୍ର ପ୍ୟାକେଟ୍‌ଟି ଧରି ଉର୍ଦ୍ଧ୍ୱଶ୍ୱାସରେ ସେଠାରୁ ପଳାୟନ କରୁଛି। ଏହା ଦ୍ୱାରା କିନ୍ତୁ ଲଣ୍ଡନବାସୀ ବେଶ୍ ଆମୋଦିତ। ସେମାନେ ସି ଗଲ୍‌ଟିର ନାମ ସ୍ୟାଣ୍ଡସ୍ ବୋଲି ମଧ୍ୟ ରଖିସାରିଲେଣି। କିଛି ସ୍ୟାଣ୍ଡସ ପ୍ରେମୀତ ସେ ଖାଉଥିବା ଆଳୁ ଚିପ୍‌ସର ମୂଲ୍ୟ ଭରଣା କରିବାକୁ ସେମାନଙ୍କ ତରଫରୁ ଷ୍ଟୋର ମାଲିକଙ୍କୁ ପ୍ରସ୍ତାବ ଦେଲେଣି।

ଅସଲ କଥାଟି ହେଉଛି ସି ଗଲ୍ ପ୍ରକୃତିଗତ ଭାବେ ମାଛାହାରୀ। ସେଇଥିପାଇଁ ସେମାନେ ସମୁଦ୍ର କୂଳିଆ ଜାଗାରେ ରହନ୍ତି, ସମୁଦ୍ରରେ ପହଁରନ୍ତି ଏବଂ ଅଳ୍ପ ଉଚ୍ଚତାରେ ଉଡି ମାଛ ଖୋଜୁଥାନ୍ତି। କିନ୍ତୁ କୌଣସି ସହୃଦୟ ପକ୍ଷୀ ପ୍ରେମୀଙ୍କ ହାତରୁ ଆଳୁ ଚିପ୍‌ସ ଟିଏ ଚାଖିଲା ପରେ ସ୍ୟାଣ୍ଡସର ଆଉ ମାଛରେ ମନ ଲାଗୁନାହିଁ। ପୁଣି ଏ କଥା ବି ଦେଖାଯାଉଛି ଯେ ସ୍ୟାଣ୍ଡସ ଚୋରି କରିନେଉଥିବା ଚିପ୍‌ସ ସେ ଏକା ଖାଉନାହିଁ, ନିଜ ବନ୍ଧୁମାନଙ୍କ ସହ ମିଶି ଖାଉଛି। ଏଣୁ ଏବେ ସେ ଛକରେ ସି ଗଲ୍ ମାନଙ୍କର ଭିଡ। ଏଣେ କିଛି ବ୍ରିଟିଶ ପକ୍ଷୀ ବିଶାରଦ କହିଲେଣି ଯେ କେବଳ ସ୍ୟାଣ୍ଡସ ନୁହେଁ, ଏମିତି ଅନେକ ସି ଗଲ୍ ନିଜ ସ୍ୱାଭାବିକ ଆହାର ଛାଡି ଚିପ୍‌ସ ଭଳି ସୁଆଦିଆ ଚିଜ ଖାଇ ମୋଟା ହୋଇଗଲେଣି ଯେ ସେମାନଙ୍କୁ ନିର୍ଧୂମ ଆଳସ୍ୟ ଗ୍ରାସିଲାଣି ଏବଂ ସେମାନେ ଆଉ ମାଛ ଖୋଜିବାକୁ ଯାଉନାହାନ୍ତି। ସମୁଦ୍ରକୂଳରେ ବୁଲିଆସୁଥିବା ଲୋକମାନଙ୍କୁ ସତୃଷ୍ଣ ନୟନରେ ଅନାଇ ରହୁଛନ୍ତି। କିଛି ଦିନ ତଳେ ମୁମ୍ବାଇର ଏକ ହିନ୍ଦୀ ଟାବଲଏଡ୍ ଗୋଟିଏ ସମ୍ବାଦ ଛାପିଥିଲା। ତାହା ହେଉଛି ଏୟା, ଯେ ପଶ୍ଚିମଘାଟ ପର୍ବତମାଳାର ପାଦଦେଶରେ ଅବସ୍ଥିତ ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟର୍‌ର ବିରାଟ ଆବାସିକ କଲୋନୀ ଅଣୁଶକ୍ତି ନଗରରେ ମାଙ୍କଡ ମାନେ ସୁଯୋଗ ପାଇଲା ମାତ୍ରେ ଝରକାଦେଇ ଘରେ ପଶୁଛନ୍ତି ଓ ଫ୍ରିଜ୍ ଖୋଲି କଞ୍ଚା ଅଣ୍ଡା ନେଇ ଖାଉଛନ୍ତି ଏବଂ ଯେଉଁ କରିତ୍‌କର୍ମାଟି ଅଣ୍ଡା ଆଣୁଛି ସେ ନିଜ ଜ୍ଞାତିମାନଙ୍କୁ ବି ଖୁଆଉଛି। ଦୀର୍ଘବର୍ଷ ଧରି ସେଇ କଲୋନୀରେ ବେଶ୍ ଭଦ୍ରଲୋକ ଭଳି ବିଚରଣ କରୁଥିବା ମାଙ୍କଡମାନେ ସ୍ୱାଭାବିକ ଭାବେ ଫଳାହାରୀ ବା ଶାକାହାରୀ ଥିଲେ। ହେଲେ ଏବେ ତାଙ୍କର ଏହି ଅଭିନବ ଆଚରଣ ସମସ୍ତଙ୍କୁ ବିସ୍ମିତ କରୁଛି।

କିଛିଦିନତଳେ କୋଲକାତାର ମାଂସଖିଆ ଗାଈ କଥା ବିଭିନ୍ନ ଖବରକାଗଜରେ ବାହାରିଥିଲା। ଆମ ଦେଶରେ ସହରଗୁଡିକରେ ପ୍ରାୟ ସବୁ କିଛି ଖାଇ ହଜମ କରିଦେଉଥିବା ଷଣ୍ଢଙ୍କ ସଂଖ୍ୟା ବି କମ୍ ନୁହେଁ। ସେହିଭଳି ଥାଇଲାଣ୍ଡର ବୌଦ୍ଧମଠରେ ବୌଦ୍ଧ ଭିକ୍ଷୁଙ୍କ ଗ୍ରହଣରେ ଅନେକ ଶାକାହାରୀ ମହାବଳ ବାଘ ବି ଆତଯାତ ହେଲେଣି।

ଏହାର କାରଣ ଆଉକିଛି ନୁହେଁ; ଖାଦ୍ୟ ସଂସ୍କୃତିରେ ମଣିଷକୃତ ଉପନିବେଶବାଦର ଶିକାର ଏମାନେ। ମଣିଷର

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଏଭଳି ଉପଦ୍ରବରୁ ତ କିଛି ଜନ୍ତୁ ପୋଷା ଭାବେ ରହି ସେମାନଙ୍କ ଜଙ୍ଗଲ ସ୍ମୃତିକୁ ପୁରା ହରାଇଛନ୍ତି । ଏବେ ବଣଜଙ୍ଗଲରେ ସ୍ୱାଧୀନଭାବେ ବୁଲୁଥିବା ପଶୁ ପକ୍ଷୀଙ୍କ ପାଳି ।

---

୧୩ ଜୁଲାଇ ୨୦୦୭ ସମ୍ବାଦର ବର୍ଷା ବିଶେଷାଙ୍କରୁ ନିଆଯାଇଛି ।

## ଜୀବନ ବର୍ଷା

ଅଂଶୁଘାତର ଗ୍ରୀଷ୍ମରେ ଛଟପଟ ହେଉଥିବା ଜଗତ ବର୍ଷାର ଆଗମନକୁ କେମିତି ଆକୁଳ ଅପେକ୍ଷା କରୁଥାଏ । ମୌସୁମୀର ଆଗମନର ଆଲୋଚନା ଚାଲେ ଖବରକାଗଜ ପୃଷ୍ଠାରେ । ମୌସୁମୀ ପହଞ୍ଚେ । ରଜପାଗର ମେଘୁଆ ଆକାଶ ଓ ଟୁପୁଟୁପୁ ମେଘରୁ ବର୍ଷା କବିତା ଆରମ୍ଭ ହୁଏ ।

ଏ ଆନନ୍ଦ କିନ୍ତୁ କେତେଦିନ ସ୍ଥାୟୀ ରହେ! ବୟସ ବଢିବା ସହ ବର୍ଷା ନେଇଆସେ ନିଜ ସାଥୀରେ ବନ୍ୟା ଓ ରୋଗ ବୈରାଗର ପଟୁଆର । ବଢିପାଣିରେ ଉବୁଟୁବୁ ହୋଇ, କାଦୁଅ ପଚପଚ ରାସ୍ତାରେ ମଶା ଡାଆଁଶ ଏଡାଇ ଚାଲୁଚାଲୁ ବର୍ଷା ସରିବା ଦିନ ଗଣୁଥାଏ ଦୁନିଆ । ସେଇ ଏକା ଦୁନିଆ, ଯିଏ କିଛି ଦିନ ତଳେ ଆକୁଳ ଆଖିରେ ଅପେକ୍ଷା କରୁଥିଲା ଏଇ ବର୍ଷାର ଆସିବା ଦିନକୁ ।

ଜୀବନ ଭଳି ହୁଏତ ଏ ବର୍ଷା । ଜୀବନ ଭଳି ଆକାଂକ୍ଷିତ, ଲୋଭନୀୟ; ପୁଣି ଆଶଙ୍କାପ୍ରଦ ଓ ବିରକ୍ତିକର । ଜୀବନର ପ୍ରତିଟି ମୋଡରେ ଆନନ୍ଦ ସହିତ ଆମକୁ ଅପେକ୍ଷା କରୁଥାଏ ବିଷାଦ । ତା'ରି ଭିତରେ ଆଗେଇବାର ରୋମାଞ୍ଚକର ଯାତ୍ରା ଜୀବନ । ଆଉ ଏଇ ବଢି ଓ ରୋଗ ଜଞ୍ଜାଳ ଭିତରେ ମନକୁ ସବୁଜ ଶୀତଳ ଓ ଆନମନା କରୁଥିବା ଋତୁର ନାଁ ବର୍ଷା । ଏଇ ଅବସରରେ ପାଠକ ମାନଙ୍କ ଆଗରେ ବାଢିଦେଉଛୁ ଏ ବର୍ଷର 'ବର୍ଷା ବିଶେଷାଙ୍କ' । ଏଥର ପ୍ରକାଶିତ କବିତା ଓ ଗପ ଗୁଡିକ ଭିତରେ ବର୍ଷାର ଉପରୋକ୍ତ ପରସ୍ପର ବିରୋଧୀ ଚିତ୍ରକୁ ଲକ୍ଷ୍ୟକରିବେ ପାଠକେ ।

## ପହିଲି ବର୍ଷା

ଗନ୍ତାୟତ ଶିବ ପ୍ରସାଦ

ଲଗାତାର ତିନିଦିନ ଧରି ବର୍ଷା ହେବାପରେ ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଲା । ବିଶେଷତଃ ସହରତଳି ଅଞ୍ଚଳଟି ପୁରା ବିପର୍ଯ୍ୟସ୍ତ ହୋଇ ଯାଇଥିଲା । 'ସରକାର ମୌସୁମୀ ବର୍ଷାପାଇଁ ପ୍ରସ୍ତୁତ ଅଛନ୍ତି'- ଏମନ୍ତ ବାହାସ୍ଫୋଟ ମାରୁଥିବା ମନ୍ତ୍ରୀ, ଯନ୍ତ୍ରୀ ଜାତୀୟ ବାବୁମାନେ ତଳିଆଙ୍କୁ ରିଲିଫ୍ କାମରେ ଲଗାଇ ଦେଇ ନିଜ ନିଜ ସରକାରୀ ବଙ୍ଗଳାର ଅନ୍ତଃପୁରରେ ମୁହଁ ଲୁଚେଇ ବସି ଯାଇଥିଲେ । ବର୍ଷା ଛାଡିବା ପରେ ବି ସହରତଳି ଅଞ୍ଚଳରେ ବର୍ଷାଜଳ ଆଣ୍ଠୁଏ ଉଚ୍ଚରେ ବହୁଥିଲା । ନିକଟସ୍ଥ ନଦୀର ବନ୍ୟାଜଳ ମାଡିଆସି ଅଧିକାଂଶ ଘର ଉଜାଡି ଦେଇଥିଲା । କେତେ ମଣିଷ ଭାସିଗଲେ, ତାହାର ହିସାବ କାହା ପାଖରେ ନଥିଲା । ସହରବାସୀଙ୍କ ପାଇଁ ବନ୍ୟା ପ୍ରପୀଡିତ ଅଞ୍ଚଳ ଏକ ପର୍ଯ୍ୟଟନ ଆକର୍ଷଣ ହୋଇ ଉଠିଥିଲା । ମିଡିଆ ବାଲାଏ କ୍ୟାମେରା ଓ ମାଇକ୍ ଧରି ବନ୍ୟା ସଂପର୍କୀୟ ଅନୁଭୂତି ସଂଗ୍ରହରେ ମାତି ଯାଇଥିଲେ । କିଛି ତଳିଆ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ସେଠି ଟହଲ ମାରିବା ଦେଖି ତିନିଦିନ କାଳ ଭୋକରେ ଆଉଟୁ ପାଉଟୁ ହେଉଥିବା ସହରତଳିଆ ଦୁର୍ଗତଙ୍କର ରିଲିଫ୍ ପାଇବା ଆଶା ବଢିଗଲା । ସରକାରୀ ବାବୁଏ ସେମାନଙ୍କୁ ଆଶ୍ୱାସନା ଦେଇ କହିଲେ, 'ଆମେ କେବଳ କ୍ଷୟ କ୍ଷତିର ପ୍ରାଥମିକ ହିସାବ କରିବାକୁ ଆସିଛୁ । ଆମ ରିପୋର୍ଟ ପାଇବା ମାତ୍ରେ ଦିନେ ଦି' ଦିନ ଭିତରେ ରିଲିଫ୍ ଆସି ପହଞ୍ଚିଯିବ । ଅପେକ୍ଷା କର, ଧୈର୍ଯ୍ୟ ଧର ।' ଜନୈକ ବିରୋଧୀ ଦଳିଆ କୁଜିନେତା ବର୍ଷା ନିୟନ୍ତ୍ରଣରେ ଅପାରଗ ସରକାରଙ୍କ ଇସ୍ତଫା ଚିଲ୍ଲେଇ ଚିଲ୍ଲେଇ ଦାବୀ କରୁଥିଲେ ।

ଗୋଟେ ଭଙ୍ଗା ଘରର କାନ୍ଥ ଉପରେ ଏକୁଟିଆ ଚୁପ୍‌ଚାପ୍ ବସିଥିବା ବୁଢା ଲୋକଟାକୁ ଦେଖି ଜିନ୍‌ସ ଟପ୍ ପରିହିତା ଚାନେଲ୍‌ବାଲୀ କ୍ୟାମେରା ଧରି କିଛି ଏକ୍ସକ୍ଲୁସିଭ୍

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଷ୍ଟୋରୀ ପାଇବା ଲୋଭରେ ତା ପାଖକୁ ଦଉଡି ଯାଇ ପ୍ରଶ୍ନବାଣ ସୁରୁ କରିଦେଲା, 'ମଉସା ଏ ବର୍ଷର ପହିଲି ମୌସୁମୀ ବର୍ଷା ପରେ ତୁମେ କ'ଣ ଅନୁଭବ କରୁଛ? ପୂର୍ବରୁ କେବେ ଏମିତି ଲଗାତାର ବର୍ଷା ହେବା ମନେଅଛି? ଏ ବର୍ଷା ଯୋଗୁଁ ଏମିତି ବନ୍ୟା ହେବବୋଲି ପ୍ରଥମେ କେତେବେଳେ ଜାଣିଲ? ବର୍ଷା' ଏତିକିବେଳେ କେହିଜଣେ କହିଲା, 'ସିଏ କିଛି କହିପାରିବନି ମେଡମ୍। ତା'ର କେହି ନାହାନ୍ତି। ଆଗରୁ ପୁଅବୋହୂ, ସ୍ତ୍ରୀ ମରିଯାଇଥିଲା। ତା'ର ଏକମାତ୍ର ଭରସା ପନ୍ଦର ବର୍ଷର ନାତିଟା ଗୋଟେ ଛୁଆକୁ ଉଦ୍ଧାର କରୁକରୁ ବଡିପାଣିରେ ଭାସିଗଲା ଯେ, ତା'ର ପତ୍ତା ମିଳୁନି।'

ଚତୁର୍ଥ ସ୍ତମ୍ଭବାଲୀ ତରୁଣୀ ନିରାଶ ହୋଇ ବିଭିନ୍ନ ଏଙ୍ଗେଲ୍‌ରୁ ବୁଡାର ଫୋଟୋ ଉଠାଇବାରେ ଲାଗିପଡିଲା।

ବୁଡାର ପେଜୁଆ ଆଖି ଦି'ଟା ଏବେ ଶୂନ୍ୟ ଆକାଶକୁ ଅନାଇ ରହିଥିଲା।

କସ୍ତୁରୀ ନଗର, ରାୟଗଡା

## ବଢି

ଶକ୍ତି ମହାନ୍ତି

ଶ୍ରାବଣର ଝଡି ଚାଲିଛି ରାତିସାରା। ବଡିରେ ନଈ ଫୁଲୁଛି, ପୂନେଇଁରେ ସମୁଦ୍ର ଫୁଲୁଛି, ଆକାଶ ଫୁଲୁଛି। ଗାଁ ଦାଣ୍ଡରେ ପାଣିର ସୁଅ। ପିଣ୍ଡା ଡେଇଁ ପାଣି ଘରେ ପଶିଲାଣି। ଦି'ଚାରି ବସ୍ତା ଧାନ। ଦି ଅଖା ବିରି ସଙ୍ଗକୁ ଟେକା ସରିଲାଣି। ଶେଷକୁ ବୁଡାବୁଡୀ ଦି'ଟାଙ୍କୁ ଟେକାଟେକି ଥୋଇଦେଲେ ପିଡା ଉପରେ।

ବୁଡୀ କହେ, 'ହେଇଟି! ଭାରି ହେଲାଣି ଚାଳ। ମୁଁ ଚାଲିଲି ପାଣିକୁ। ରୋଗ ବଇରାଗ ବାଧକରେ କାଇଁ ଯିବି, ଏଇ ପାଣିରେ ଯିବି। ତମେ ଥାଅ। ପୁଅ, ବୋହୂ, ନାତି, ନାତୁଣୀ ଗାଇଗୋରୁ ସଂସାର ତୁମକୁ ଲାଗିଲା।'

ବୁଡା କହେ, 'ତୁ ଟା ଭାରି ସ୍ୱାର୍ଥପର ସନିଆବୋଉ! ମୁଁ ଜାଣେ, ମୁଁ ସିନା ବୁଡା ହେଲିଣି ବୋଲି, ଯେବେ ଦମ୍ ଥେଲା; ତତେ, ତୋ ଦି ପୁଅଙ୍କୁ କାନ୍ଧରେ ବସେଇ ବେକେ ପାଣିରେ ବନ୍ଧକୁ ଉଠିଥିଲି, ସେ ସନ ବଡିରେ। ଆଗରେ ଯାଉଚୁ ଯଦି ଯା।' ଯଦି ଏ ପାଣିରୁ ବଞ୍ଚିଲି, ତତେ ଝୁରି ଝୁରି ଆରପାରିକୁ ଯିବି। ମୋର କିଛି ଦରକାର ନାଇଁ। ଖାଲି ମହାପ୍ରଭୁକୁ କହିବୁ ନିଦ ଟିକିଏ ଦେବ ଏ ଶୁଖିଲା ଆଖିକୁ। ତତେ ସପନରେ ତ ଦେଖିବି।

ଜୟବଡ, ଜଗତସିଂହପୁର

## ବର୍ଷା: ଦୁଇଟି ସ୍କେଚ୍

ନରୋତ୍ତମ ସେଲମା

(୧)

କଡକାଡ ଶବ୍ଦରେ ବୁଡୀ ଚମକି ଉଠିଲା। ଘରର ପଛପଟ ମାଟିକାଛ ଭୁଶୁଡିଯାଇଛି। ଅଦୂରରେ ନଦୀର ପ୍ରଖର ସ୍ରୋତର ସାଇଁ ସାଇଁ ଶବ୍ଦ। ଗାଁ ସାରା ଲୋକଙ୍କ କାନ୍ଦବୋବାଳିରେ ରାତିଟା ଥରି ଉଠୁଥିଲା।

ବୁଡାକୁ ଚାହିଁ ବୁଡୀ କହିଲା, ଏ ଉଠ, ସେଆଡେ ନଈ ପାଣି ମାଡି ଆସିଲାଣି। ଜଲ୍‌ଦି ନଗଲେ ଜୀବନ ରଖି ହେବନି।

ବୁଡାଦେହରେ ଖଇଫୁଟା ତାତି, ଅସହ୍ୟ ମୁଣ୍ଡବିନ୍ଧା। ବୁଡା କହିଲା, ଆଲୋ ତୁ ଯିବୁ ବୋଇଲେ ଯା ପଛେ, ମୁଁ ଯାଇ ପାରିବିନି। ଏମିତି ମରିବି।

ଲୋକେ ଧାଉଁଥିଲେ ଜୀବନ ବିକଳେ। ବୁଡୀ ରଡୁଥିଲା- ଆସରେ ପିଲେ ବୁଡାକୁ ଟିକିଏ ଧର। କିନ୍ତୁ କେହି ଶୁଣିବା ଅବସ୍ଥାରେ ନଥିଲେ।

ବୁଡାକୁ ଛାଡି ବୁଡୀବି ଯିବାର ନାଁ ଧରୁନଥିଲା।

ଆରଦିନ ସକାଳ ବେଳକୁ ଲଗାଲଗି ହୋଇ ବୁଡାବୁଡୀଙ୍କ ଶବ ତେଲ୍ ନଦୀର ଆମ୍ପାଲି ଘାଟ ତଟରେ ଲଟକି ଯାଇଥିଲା।

(୨)

ଆର୍ ଆଇ ଅଫିସରେ ପ୍ରବଳ ଭିଡ। ଦରଖାସ୍ତ

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ହାତରେ ଧରି ଧାଡି ଲମ୍ବେଇଥିଲେ ବାସହରା, ବନ୍ୟା ପୀଡିତ ଗାଁ ବାସୀ। ସେପଟୁ ଅଫିସର କିଏ ଜଣେ କହୁଥାଏ- 'ପାଞ୍ଚ ଦଶ ନଦେଲେ କ'ଣ ହାତରୁ ପେଟ୍ରୋଲ୍ ପୁରେଇ ତୁମ ଗାଁକୁ ଯିବୁ, ଇନକ୍ୱାରୀ କରିବୁ? ସମସ୍ତେ ଅଣ୍ଟାଳୁଥିଲେ ଅଣ୍ଟାକୁ। କିଛି ଦିନ ପରେ ଘରଭଙ୍ଗା ବାବଦରେ ପାଞ୍ଚଶହ ଟଙ୍କା ଆସିଲା। ଅଫିସ୍ ବାହାରେ ତାଲିକା ଝୁଲୁଥିଲା ଯେଉଁଠି ବିଭିନ୍ନ ଦଳର ରାଜନୀତିକ ନେତା, ଗାଁର ପ୍ରଭାବଶାଳୀ ଲୋକଙ୍କ ନାମ ପ୍ରଥମେ ଥିଲା। ଅଥଚ ବର୍ଷାରେ ସଂପୂର୍ଣ୍ଣ ଘର ଭାଙ୍ଗିଥିବା ସନାତନ, ମକାରୁ, ହମିର ଇତ୍ୟାଦିଙ୍କ ନାଁ ମୋଟେ ଦିଶୁନଥିଲା। କିଏ ଜଣେ ପଛପଟୁ କହୁଥିଲା, 'ଆରେ ଅମୁକ, ପାଞ୍ଚ ଦଶ ଦେଇଥିଲୁ ନାଁ ନାଇଁରେ?' ମୁଣ୍ଡ ଖୁଜାଉଥିଲା ଅମୁକ। ସେଇ ଧୋବଫର ଫରିଆ ବାବୁମାନେ ପାଞ୍ଚଶହ ଟଙ୍କିଆ ଚେକ୍ ଧରି ଅଫିସରୁ ବାହାରୁଥିଲେ ବୀରଦର୍ପରେ।

ରିଷିତା, କଳାହାଣ୍ଡି

# ବର୍ଷାପାଇଁ ତିନୋଟି ଗପ

ଉଦୟ ଭାନୁ ମହାନ୍ତି

## ବର୍ଷା ଓ ଅନାହାର

ବର୍ଷା ଯୋଗୁଁ ମଜୁରିଆ କାଶୀର ଘରେ ଚାରିଦିନ ହେଲା ଚୁଲି ଜଳି ନଥିଲା। ବିଚରା କୁଡିଆ ଭିତରୁ ଲଗାଣ ବର୍ଷାକୁ ଚାହିଁ ନିନ୍ଦୁଥିଲା। ତଥାପି ବି ବର୍ଷା ଛାଡୁନଥିଲା।

ପରଦିନ ଅପରାହ୍ନରେ ବର୍ଷା ଛାଡିଥିଲା। ଗାଁ ଲୋକେ କାଶୀର ବୁଢୀମା'ର ମରଶରୀରକୁ ଦେଖି ଆହା କରିଥିଲେ। ସରପଞ୍ଚ ଅନୁକଂପାମୂଳକ ସରକାରୀ ରାଶି ପାଇଁ କାଗଜରେ କାଶୀର ଟିପ ନେଇଥିଲେ।

ପରଦିନ ଖବର କାଗଜରେ ଏକ ଅନାହାର ମୃତ୍ୟୁର ଖବର ବାହାରିଥିଲା। ବର୍ଷାକାଳୀନ ବିଧାନସଭାରେ ଆଲୋଚନା ହୋଇଥିଲା। କିନ୍ତୁ ତଥାପି ବି ବର୍ଷା ଛାଡିନଥିଲା।

## କାହାର ପୁଷମାସ ତ

ଲଗାଣ ବର୍ଷା ଓ ବଢିପରେ ନଂପୁଟ୍ ଗାଁକୁ ପ୍ରବଳ ସରକାରୀ ଓ ବେସରକାରୀ ରିଲିଫ୍ ଆସିଥିଲା। ରିଲିଫ୍ ଖାଦ୍ୟ ଆଉ ଖଣ୍ଡେ ଖଣ୍ଡେ ପଲିଥିନ୍ ନେଇ ବିଚରାମାନେ ଖୁସି ହେବାପରେ ଆସିଥିଲା ସରକାରୀ ଘରଭଙ୍ଗା ଟଙ୍କା। କାଗଜରେ ଟିପ ଚିହ୍ନଦେଇ କେଇ ଶହ ଟଙ୍କା ନେଇ ସେମାନେ ସନ୍ତୁଷ୍ଟ ରହିଲେ।

କିନ୍ତୁ ଏଇ ବଢିରେ ସରପଞ୍ଚ ରାଧୁ ମିଶ୍ରେ ସଦର ମହକୁମାରେ ଜାଗା ଖଣ୍ଡେ କିଣି ମଧ୍ୟ ସରକାରଙ୍କୁ ଦୋଷ ଦେଉଥିଲେ।

## ରିଲିଫ୍

ତିନିଦିନ ଧରି ଲଗାଣ ବର୍ଷା ହେଉଥିଲା। ସରପଞ୍ଚ ତା' ଦୁଇ ମହଲା ଘରେ ବସି ସମାଚାର ଦେଖୁଥିଲା। ଭାବୁଥିଲା ବର୍ଷା ତ ଆସିଯାଇଛି, ରିଲିଫ୍ କାହିଁ। ଏଇ ବଢି ତ ଏକ ସୁବର୍ଣ୍ଣ ସୁଯୋଗ।

ସ୍କୁଲ୍ ଘର ପିଣ୍ଡାରେ ପଡି ମଦନା ଓ ହରିଆ ପରି ଆଉ ଦଶଟା ପରିବାର ବି ଚାତକ ପରି ରିଲିଫ୍‌କୁ ଚାହିଁଥିଲେ।

ସାତଦିନ ପରେ ବଢି ଛାଡିଥିଲା। କିନ୍ତୁ ତଥାପି ବି ହରିଆ ଆଉ ମଦନା ଆକାଶରେ ସରକାରୀ ହେଲିକପ୍ଟରକୁ ଚାହିଁଥିଲେ। ବିଚରା ସରପଞ୍ଚ ସରକାରୀ କଳକୁ ନିନ୍ଦୁଥିଲା।

ଆଇଭି/ ୮୩, ୟୁନିଟ୍-୮, ଭୁବନେଶ୍ୱର

# ବର୍ଷା ପାଣି

ଡ କୁଳାଙ୍ଗାର

ଦକ୍ଷିଣା ପବନରେ ଛାଟିହୋଇ ମନ୍ତ୍ରୀଙ୍କ ଝରକା ଦେଇ ଦଲକାଏ ବର୍ଷାପାଣି ପଶିଆସିଲା। ବର୍ଷା ପାଣି ବୋଲି,

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ପୁନଶ୍ଚ ଅନ୍ୟର ଚାପରେ ଏପରି ଦୁଃସାହସିକ କାର୍ଯ୍ୟ ସମ୍ଭବପର ହୋଇପାରିଲା। ତେବେ ଏହାଠୁଁ ଦୁର୍ଦ୍ଧର୍ଷ ତଥା ପ୍ରବଳ ପ୍ରତାପୀ ମନ୍ତ୍ରୀଙ୍କ ଚାକର ଘଟଣାକୁ ସବିଶେଷ ବୁଝିବା ପୂର୍ବରୁ ସ୍ୱଭାବ ସୁଲଭ ଢଙ୍ଗରେ ପାରଂପରିକ ଭାଷାରେ ଦିପଦ ଗାଳି ଫିଙ୍ଗିଦେଲା।

ମନ୍ତ୍ରୀଙ୍କର ପାଚେରୀ କଡଦେଇ ଯାଉଥିଲା ଜଣେ ବସ୍ତି ବାସିନ୍ଦା। ମନ୍ତ୍ରୀଙ୍କ ଭବନରୁ ଏମନ୍ତ ବାକ୍ୟଶୁଣି ଭାରି ଖୁସି ହେଲା ସିଏ। ମନେ ମନେ ଭାବିଲା ଆମ ଲୋକ ଯାଇ ଏତେ ବଡ ପଦବୀରେ ହେଲେଣି, କିନ୍ତୁ ଭାଷା ଛାଡି ନାହାନ୍ତି। ଏହା କ'ଣ ମୋର ଗର୍ବ ନୁହେଁ। ସିଏ ବଜାର ଗଲା ଏବଂ ଏଇ ଖୁସିରେ ଭଲ ଭଲ ଖାଇବା ଜିନିଷ ଧରି ଘରକୁ ଫେରିଲା।

ଘରେ ତା'ର ସ୍ତ୍ରୀ ପିଲାଏ ବେଶ୍ ଖୁସି ହେଲେ। ପହିଲି ବର୍ଷାର ପାଣି ସେମାନଙ୍କ କୁଡିଆରେ ପଶି ସାରିଥିଲା, କିନ୍ତୁ ମନ୍ତ୍ରୀଙ୍କର ଝରକାରେ ପଶିଥିବା ପାଣିର ସୁଅ ପରାଜିତ କରିଦେଲା। କୁଡିଆ ଚାଳରେ ପଶିଥିବା ପାଣିର ଦୁଃଖକୁ।

ଲେମ୍ବୋ, ନରସିଂହପୁର, କଟକ

# ଲୋକ ବିଦ୍ୟାର ସଂସାର

## ଓଡିଆ ଜାତିର ଜୀବନ କଥା

ହର ପ୍ରସାଦ ଦାସ

ଅଷ୍ଟାଦଶ ଶତାବ୍ଦୀ ସୁଦ୍ଧା କେବଳ ତନ୍ତ୍ର ନୁହେଁ ଜ୍ୟୋତିଷ ଓ ଗଣିତ ଭଳି ଶାସ୍ତ୍ରବିଦ୍ୟା କେଉଁ ମାର୍ଗରେ ଓଡିଆଙ୍କ ସଂସ୍କୃତିରେ ଲୋକ ବିଦ୍ୟାରେ ପରିଣତ ହୋଇଗଲେ ତା'ର ସୂତ୍ର ସନ୍ଧାନ ପାଇବା ପାଇଁ ଦ୍ୱାଦଶରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ପ୍ରାୟ ଛଅ ଶହ ବର୍ଷ ଭିତରେ ଭାରତୀୟ ସଂସ୍କୃତିର ଧ୍ରୁବୀକରଣକୁ ଅନୁଧ୍ୟାନ କରିବାକୁ ହେବ। ଗୋଟିଏ ଧ୍ରୁବରେ ବେଦ ବେଦାଙ୍ଗ, ବ୍ରାହ୍ମଣ୍ୟ ବିଚାର ତ ଆର ଧ୍ରୁବରେ ପୁରାଣ, ତନ୍ତ୍ର ଓ ଗୁହ୍ୟାଚାର। ଯାଙ୍କରି ସଂଘର୍ଷରୁ ଉତ୍ପତ୍ତି ହେଲା ଲୋକ ବିଦ୍ୟାର ସଂସାର।

ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ଭାରତରେ ଶାସ୍ତ୍ରୀୟ ଚିନ୍ତନର ମୁଖ୍ୟ ପରଂପରା ଶେଷ ହୋଇଯାଇଥିଲା। ଖ୍ରୀଷ୍ଟଙ୍କ ପୂର୍ବରୁ ମୌଳିକ ଦର୍ଶନର ଅନ୍ତ ହୋଇ ସାରିଥିଲା ଓ ଖ୍ରୀଷ୍ଟପର କାଳରେ ଶାସ୍ତ୍ରୀୟ ଚିନ୍ତନର ଯେଉଁ ଗୌଣ ପରଂପରା ଆରମ୍ଭ ହୋଇଥିଲା ଓ ଯାହାକୁ ଆମେ ମୁଖ୍ୟ ଦାର୍ଶନିକ ଧାରାର ନାମ ଦେଇ ଶଙ୍କର ଓ ତାଙ୍କର ପରବର୍ତ୍ତୀ ଅନୁଗାମୀ ଓ ପ୍ରତିଦ୍ୱନ୍ଦ୍ୱୀଙ୍କ ଯାଏଁ ଟାଣି ଆଣି ମୁଖ୍ୟ ସ୍ରୋତରେ ମିଶାଇ ଦେଲୁ, ତା'ର ଜୀବନକାଳ ସଭ୍ୟତାର ସୁଦୀର୍ଘ ଇତିହାସରେ ଖୁବ୍ ବେଶି ନୁହେଁ। ଶାସ୍ତ୍ର କିପରି ପୁରାଣ ହେଲା ବା ପୁରାଣ କିପରି ଜାତୀୟ ଚିନ୍ତନ ଶୈଳୀକୁ ପ୍ରଭାବିତ କରି ବୈକଳ୍ପିକ ଅଭିବ୍ୟକ୍ତି ନିର୍ମାଣ କରିବାପାଇଁ ସମର୍ଥ ହେଲା, ସେ ବିଷୟରେ କାବ୍ୟ ଶୈଳୀରେ ରଚିତ ପ୍ରମୁଖ ଭାରତୀୟ ରାଜବଂଶମାନଙ୍କ ଇତିହାସରେ କୌଣସି ସୂଚନା ନାହିଁ। ତା'ର ଗୋଟିଏ ବଡ କାରଣ ସୈନ୍ଧବଗାଙ୍ଗେୟ ଉପତ୍ୟାକାରେ ବା ବିନ୍ଧ୍ୟୋତ୍ତର ଭାରତରେ ଶାସ୍ତ୍ରୀୟତାର ଅପମୃତ୍ୟୁ। ଏ ଅପମୃତ୍ୟୁର କାରକ ଲୋକ ଜୀବନରେ ସ୍ଥାନୀୟ ବିକଳ୍ପର ପ୍ରତିଷ୍ଠା। ଏ ବିକଳ୍ପ କିପରି ପ୍ରତିଷ୍ଠିତ ହେଲା ତା'ର ସୂତ୍ର ରାଜାଙ୍କ ରାଜ୍ୟ ଜୟ, ଭାସ୍କର୍ଯ୍ୟ ପ୍ରୀତି ବା ଧର୍ମୀୟ ସଂସ୍କାରର ପୃଷ୍ଠପୋଷକତାରେ ନାହିଁ। ତା'ର ସୂତ୍ର ଅଛି ସଂଘର୍ଷଶୀଳ ଲୋକ ଜୀବନର ପରାଜୟ- ଲାଞ୍ଛିତ, ଅପାଂକ୍ତେୟ, କଳାପ୍ରବଣ ସାମୂହିକ ସ୍ମୃତିରେ। ସେ ସାମୁହିକ ସ୍ମୃତିକୁ ପ୍ରାକୃତରେ ପୁନର୍ଭାଷିତ କରିବା ଥିଲା ବୁଦ୍ଧଙ୍କର ଅଭିପ୍ରାୟ, ଧର୍ମାଚାରରେ ବୌଦ୍ଧ ଜାତକ କଥା ମାନଙ୍କର ଉଦ୍‌ଗମ ମଧ୍ୟ ସେହି ଦୃଷ୍ଟିରୁ ପ୍ରାକୃତ କଥକତାର ବୌଦ୍ଧ ପ୍ରମାଣ। ସମାନ୍ତର ଚିନ୍ତନରେ ଶାସ୍ତ୍ରର ପରିପୂରକ ହେଉ ହେଉ ତା'ର ବିକଳ୍ପ ହୋଇ ଠିଆ ହୋଇଥିବା ପୁରାଣ ମାନଙ୍କର କଥକତା, ସଂସ୍କୃତ ଭିତରୁ ହିଁ ବିକଶିତ ଗୋଟିଏ ବିପୁଳତାର କଥକତା, ଯାହାର ଭାଷା ସଂସ୍କୃତ ହେଲେ ବି ମୂଳ ପ୍ରେରଣା ଲୋକାଚାରୀ ଓ ସ୍ଥାନୀୟ। ପୁରାଣ ମାନଙ୍କର ରଚୟିତା ବ୍ୟାସ

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଯେ ଜଣେ ଦ୍ୱୀପ ନିବାସୀ ବା ଦ୍ୱୀପ ଜନ୍ମିତ କୃଷ୍ଣକାୟ, ଅବ୍ରାହ୍ମଣ, ଅକୁଳୀନ ବ୍ୟକ୍ତି ଯାଁର କଳ୍ପନା କିପରି କରାଗଲା? ଏତେ ପ୍ରକାଣ୍ଡ କୃତି ନିର୍ମାଣର ଶ୍ରେୟ କି ସୂତ୍ରରେ ବୈଦିକ ବ୍ରାହ୍ମଣଙ୍କର ନ ହୋଇ ଯାଁଙ୍କର ହେଲା? ଜଣେ କାମାର୍ତ୍ତ ଋଷିଙ୍କ ସହିତ ନିରୀହ କେଉଟୁଣୀ ଝିଅର ନିଷିଦ୍ଧ ସଙ୍ଗମରୁ ତ୍ରିପଣ୍ଡ କଳା ବ୍ୟାସ ଉପୁଜିବା ଓ ଗୌରକାନ୍ତି ମୁଗ୍ଧ ପତନୋନ୍ମୁଖୀ ଆର୍ଯ୍ୟ ସମାଜ ଆଗରେ ତାଳି ବଜାଇ ସେଇ ଆର୍ଯ୍ୟ ବିପରୀତ କୃଷ୍ଣଶକ୍ତିକୁ ଅଭିମନ୍ତ୍ରିତ କରିବା ଐତିହାସିକ ଘଟଣା ନୁହେଁ, ଭାରତୀୟ ସମାଜତନ୍ତ୍ରରେ ଧର୍ମ ଓ ରାଜାର ବିପକ୍ଷରେ ଲୋକୋଦୟର ଉଦ୍‌ଗମ ସୂଚନା। କୁରୁବଂଶର ଆଦିପିତା ଏହି ବ୍ୟାସ, ମହାଭାରତର ଘଟଣାଚକ୍ରକୁ ହାତରେ ଧରି କାଳକୁ ନିୟନ୍ତ୍ରଣ କରୁଥିବା ଶକ୍ତି ମଧ୍ୟ ସେହି ପ୍ରାଚୀନ ପୌରୁଷ। ବ୍ୟାସ ଜଣେ ପୁରୁଷ ନୁହନ୍ତି, ସେ ହେଉଛନ୍ତି ଗୋଟିଏ ପ୍ରତ୍ୟାଖ୍ୟାତ ଓ ପରାସ୍ତ ଲୋକଶ୍ରେଣୀର ଅଭ୍ୟୁଦୟୀ ପୌରୁଷର ପ୍ରତୀକ। ସେହି ପୌରୁଷର ରଚନା ସମସ୍ତ ପୁରାଣ, ତେଣୁ ଜଣେ ବ୍ୟକ୍ତିର କାର୍ଯ୍ୟ ନୁହେଁ। ସେ କାର୍ଯ୍ୟ ଗୋଟିଏ ସଂଘର୍ଷଶୀଳ ଲୋକ ସମାଜର। କାଳ କ୍ରମେ ଯେ ପୁରାଣ ମାନଙ୍କରେ ବ୍ରାହ୍ମଣ୍ୟ ପ୍ରକ୍ଷିପ୍ତର ପ୍ରବେଶ ଆରମ୍ଭ ହେଲା ଓ ସ୍ମୃତିର ଅବଶେଷକୁ ସମ୍ବଳ କରି ପୁନରାବୃତ୍ତିର ମାର୍ଗରେ କଥା ବଦଳି ବଦଳି ଚାଲିଲା, ସେ ଭିନ୍ନ ସମସ୍ୟା। କିନ୍ତୁ ସେଥିରେ ମଧ୍ୟ କଥାବାଚକ ସୂତ୍ରମାନଙ୍କ ହାତରୁ ପୁରାଣ ପଣ୍ଡାଙ୍କ ହାତକୁ କ୍ଷମତା ହସ୍ତାନ୍ତରର ପ୍ରକ୍ରିୟା ଲକ୍ଷ୍ୟ କରି ଅନୁମାନ କରାଯାଇପାରେ ଯେ ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ଶାସ୍ତ୍ରୀୟ ଚିନ୍ତନର ପୌରାଣିକ ଅବଶେଷକୁ ଶକ୍ତିଶାଳୀ ବ୍ରାହ୍ମଣ ମାନେ ପୁଣି ଥରେ ଅଧିକାର କରି ନେଇଥିଲେ। ପୁରାଣକୁ ଶାସ୍ତ୍ର ଭାବେ ଚଳାଇବାର ଉଦ୍ୟମ ପୌରାଣିକ ଯୁଗ ଶେଷ ହେବାପରେ ଆରମ୍ଭ ହେଲା ଏଇ କାରଣରୁ। ଏ ଉଦ୍ୟମ ଶାସ୍ତ୍ରୀୟତାର ପୁନରାବିଷ୍କାରରେ ସହାୟକ ହେଲା, କିନ୍ତୁ ନୂଆ ଶାସ୍ତ୍ର ରଚନା ଆଉ ସମ୍ଭବ ହେଲା ନାହିଁ। ନୂଆ ପୁରୁଣା ବି ଆଉ ଲେଖା ହେଲା ନାହିଁ। ପୁରାଣ ଅଧିକାର କରି ବସିଥିବା ବ୍ରାହ୍ମଣ ବିଦ୍ୱାନ ଓ ଉଚ୍ଚ ମଧ୍ୟବର୍ଗୀୟ ପଣ୍ଡିତମାନଙ୍କର ଉଦ୍ୟମ ରହିଲା ସଂସ୍କୃତ ପୁରାଣର ଭାଷାନୁବାଦ।

ଷୋଡଶ ଶତାବ୍ଦୀର ଶେଷ ସୁଦ୍ଧା ମୁଖ୍ୟ ଓଡିଆ ପୁରାଣ ଗୁଡିକ ଲେଖା ସରିଥିଲା ଓ ଆସନ୍ତା ଦୁଇଶହ ବର୍ଷ ଭିତରେ ସେଗୁଡିକ କେବଳ ଜାତୀୟ ଜୀବନର ଅଂଶ ହୋଇ ରହିଲେ ନାହିଁ, ଓଡିଆଙ୍କ ଧର୍ମଧାରଣା ବି ଶାସ୍ତ୍ରୀୟତାରୁ ଓହରି ଆସି ଭକ୍ତି ମାର୍ଗରେ ଯାଇ ପୁରାଣ ପ୍ରେରଣାରେ ଲୋକାଚାରର ଅଂଶ ହୋଇଗଲା। ପୌତ୍ତଳିକତାର ବିପୁଳ ବିକାଶରେ ପୁରାଣର ଅବଦାନ ମୌଳିକ ଓ ସାର୍ବଭୌମ। ଗୁପ୍ତଯୁଗରେ ସପ୍ତମ ଶତାବ୍ଦୀଠାରୁ ପାଷାଣ ସ୍ଥାପତ୍ୟର ବିକାଶ ସହିତ ପୌତ୍ତଳିକତାର ଯେଉଁ ବ୍ୟାପକ ପ୍ରସାର ହେଲା ତାର ଚାଳକ ଶକ୍ତି ଥିଲା ଦେବାଦେବୀଙ୍କର ପୌରାଣିକ କଳ୍ପନାର ମାନବୀୟ ଆବେଦନରେ। ତନ୍ତ୍ରାଚାରରେ ମୂର୍ତ୍ତିର କଳ୍ପନା ମୁଖ୍ୟ ନୁହେଁ, ଇନ୍ଦ୍ରିୟମାନଙ୍କର ଓ ବସ୍ତୁ ସଂସାରର ବ୍ୟତୀକ୍ରମୀ ପ୍ରତୀକାୟନରେ ତାର ଉତ୍କର୍ଷ ଓ ସାମର୍ଥ୍ୟ। ପୁରାଣ ଓ ତନ୍ତ୍ର, ଏ ଦୁଇଟି ଯାକ ବିଧାନ ତାଙ୍କର ବିଚିତ୍ର ରୂପବିନ୍ୟାସ ସତ୍ତ୍ୱେ ଯେ ଓଡିଆଙ୍କ ଆଧ୍ୟାତ୍ମକୁ ପ୍ରଭାବିତ କରିପାରିଲେ ନାହିଁ, ତା'ର ଏକମାତ୍ର କାରଣ ସମନ୍ୱୟୀ ରୂପକଳ୍ପ ମାନଙ୍କୁ ନେଇ କାଳ କାଳ ଧରି ଗଢି ହୋଇ ଉଠୁଥିବା ଲୋକବିଦ୍ୟାର ଚେତନା। ସିଧାକଥାରେ କହିଲେ ଏ ଓଡିଆଙ୍କ ଲୋକ ଜୀବନରେ ଏମିତି ଗୋଟେ ଗୁଣ ଅଛି ଯେ ଏମାନେ ଶାସ୍ତ୍ର, ପୁରାଣ, ବୌଦ୍ଧିକ ଚିନ୍ତନ ଓ କଳାତ୍ମକତା ସବୁ କିଛି କୁ ଆଣି ତାଙ୍କର କ୍ଷୁଦ୍ର ବେଷ୍ଟନୀ ଭିତରେ ନିଜ ଚଳଣିର ଅଂଶ କରିଦେଇ ପାରନ୍ତି। ଓଡିଆଙ୍କ ଲୋକବିଦ୍ୟା ତନ୍ତ୍ରକୁ ଆଣି ମନୋରମ ସାମାଜିକ ଦନ୍ତକଥାରେ ପରିଣତ କରିଦେଲା ଓ ତା'ର ବାହାରେ ବିବିଧ କଳାତ୍ମକ ସଂରଚନାରେ ପ୍ରତୀକ କରି ଛାଡିଦେଲା। କିନ୍ତୁ ଗଣିତ ଓ ଜ୍ୟୋତିଷ ତ ସହଜସାଧ୍ୟ ନୁହନ୍ତି ବା ଏଥିରେ କଳ୍ପନାଶୀଳ ହୋଇ ଶାସ୍ତ୍ରବାହାରକୁ ଯିବାର ନାହିଁ, ଯାଁ'କୁ ପୁଣି ଓଡିଆଏ ଲୋକ ବିଦ୍ୟାର ଅଂଶ କଲେ କେମିତି?

ଜନପଦୀୟ ଓଡିଆଙ୍କ ମଧ୍ୟଯୁଗୀୟ ସମାଜ

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ବ୍ୟବସ୍ଥାରେ ବେଦଜ୍ଞ ବ୍ରାହ୍ମଣ ଥାଆନ୍ତୁ ବା ନ ଥାଆନ୍ତୁ, ଥିଲେ ପ୍ରତି ଜନପଦରେ ଗ୍ରହବିପ୍ର ଓ ଖଡିକାର ଖଡିରତ୍ନ। ଏ ଗ୍ରହବିପ୍ର ଜଣକ ଜାତକ କରନ୍ତି ଓ ଖଡିରତ୍ନ ଖଡି ଗୋଟାଳିରେ ଶୁଭାଶୁଭ ଓ କାଳନିର୍ଣ୍ଣୟ ଆଦି ଜଟିଳ କାର୍ଯ୍ୟ ଅନୁମାନର ଗଣିତ ଦ୍ୱାରା ନିର୍ବାହ କରନ୍ତି। ଓଡିଆଙ୍କ ଇତିହାସରେ ମାତ୍ର ଦୁଇଜଣ ମୌଳିକ ଜ୍ୟୋତିଷଶାସ୍ତ୍ରୀ: ଏକାଦଶ ଶତାବ୍ଦୀର ଶତାନନ୍ଦ ଆଚାର୍ଯ୍ୟ ଓ ଊନବିଂଶ ଶତାବ୍ଦୀର ସାମନ୍ତ ଚନ୍ଦ୍ରଶେଖର। ୟାଁଙ୍କ ଭିତରେ ପ୍ରାୟ ଆଠ ଶହ ବର୍ଷର ବ୍ୟବଧାନ। ସାଆନ୍ତଙ୍କ କଥା ପରେ, ଏବେ ଅଷ୍ଟାଦଶ ଶତାବ୍ଦୀର ଆଦ୍ୟ ଭାଗରେ ପ୍ରାସଙ୍ଗିକ ହେବେ ଶତାନନ୍ଦ ଆଚାର୍ଯ୍ୟ। କାରଣ ତାଙ୍କର ଏକାଦଶ- ଦ୍ୱାଦଶ ଶତାବ୍ଦୀର ମୌଳିକ ଜ୍ୟୋତିଷ ଶାସ୍ତ୍ରଗ୍ରନ୍ଥ 'ଭାସ୍ୱତୀ' ହିଁ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଓଡିଆଙ୍କ ଗଣନାର ଉପାଦେୟ ମୂଳ ସ୍ରୋତ ଭାବେ ଓଡିଆରେ ଅନୂଦିତ ହୋଇ ପ୍ରଚଳିତ ହୋଇ ସାରିଥିଲା। ଓଡିଆ ପାଞ୍ଜିର ଶାସ୍ତ୍ରୀୟ ଉତ୍ସଭାବେ ଏହି 'ଭାସ୍ୱତୀ'କୁ ଗ୍ରହଣ କରାଯିବ। ତା'ଛଡା ଶତାନନ୍ଦଙ୍କର ଗୋଟିଏ ସଂଗ୍ରହ ମଧ୍ୟ ଥିଲା, ଯହିଁରୁ ଗଦାଧର ରାଜଗୁରୁ ଉତ୍ସ ସ୍ୱୀକାର କରି ଗୁଡିଏ ବିଧାନ ତାଙ୍କ 'କଳାସାର'ରେ ସଂକଳିତ କରିଥିଲେ।

ତେବେ ଶତାନନ୍ଦଙ୍କର ମୌଳିକତା ଓ ବୈଶିଷ୍ଟ୍ୟ ଏ ଜାତି ପାଇଁ ଥିଲା ଯୋଡିଏ ସୂକ୍ଷ୍ମ ସୂଚନାରେ। ଶତାନନ୍ଦଙ୍କ ସମୟ ପର୍ଯ୍ୟନ୍ତ ଓଡିଶାରେ ପାଞ୍ଚଟି ସିଦ୍ଧାନ୍ତ ଗ୍ରନ୍ଥର ପ୍ରଚଳନ ଥିଲା। ସେଗୁଡିକ ହେଲା ପିତାମହ ସିଦ୍ଧାନ୍ତ, ବୃଦ୍ଧ ବଶିଷ୍ଠ ସିଦ୍ଧାନ୍ତ, ସୋମ ସିଦ୍ଧାନ୍ତ, ବ୍ରହ୍ମ ସିଦ୍ଧାନ୍ତ ଓ ସୂର୍ଯ୍ୟ ସିଦ୍ଧାନ୍ତ। ବୋଧହୁଏ ସୂର୍ଯ୍ୟ ସିଦ୍ଧାନ୍ତ ହିଁ ଥିଲା ସର୍ବାଧିକ ପ୍ରସାରିତ ଜ୍ୟୋତିଷ ଶାସ୍ତ୍ର। ଏ ସମସ୍ତ ସିଦ୍ଧାନ୍ତର ରଚୟିତା ଜ୍ୟୋତିଷଶାସ୍ତ୍ରୀ ଥିଲେ ଅଣଓଡିଆ ବା ଓଡିଶା ବାହାରର। ଜ୍ୟୋତିଷ ଶାସ୍ତ୍ରରେ କାଳ ବିବେଚନା ପାଇଁ ଗଣକର ସ୍ଥାନ ବା ଯଜମାନର ସ୍ଥାନ ପ୍ରଧାନ। ଓଡିଶା ବାହାରର ଶାସ୍ତ୍ରୀମାନେ ତାଙ୍କ ନିଜ ନିଜ ସ୍ଥାନକୁ ବ୍ରହ୍ମାଣ୍ଡର କେନ୍ଦ୍ର କଳ୍ପନା କରି ସୂତ୍ର ନିର୍ମାଣ କରିଥିଲେ। ସେ ସୂତ୍ର ପ୍ରୟୋଗକରି ଓଡିଆ ମାନେ ତାଙ୍କର ସ୍ଥାନୀୟ ଗଣନା କିଭଳି କରୁଥିଲେ ଜଣାନାହିଁ, ପୁରୁଷୋତ୍ତମଙ୍କ ନୀତିର ଜ୍ୟୋତିଷ ଅଙ୍ଗ କିଭଳି ବିକଶିତ ହୋଇଥିଲା ତାହା ବି ଜଣାନାହିଁ। କେବଳ ଏତିକିରେ ସୂଚନା ମିଳୁଛି ଯେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣକୁ ନେଇ ନୀତି ବିଭ୍ରାଟର ବିପଦ ବରାବର ଲାଗି ରହିଥିଲା, କାରଣ 'ସୂର୍ଯ୍ୟ ସିଦ୍ଧାନ୍ତ' ଉପରେ ଆଧାରିତ ଜ୍ୟୋତିଷଗ୍ରନ୍ଥ ମାନଙ୍କରେ ପୁରୀର ସ୍ଥିତିକୁ ନେଇ କୌଣସି ନିଷ୍କର୍ଷରେ ପହଞ୍ଚିବାର ସୂତ୍ର ନଥିଲା।

ଏକାଦଶ ଶତାବ୍ଦୀରେ ସେ ସୂତ୍ର ଦେଲେ ଶତାନନ୍ଦ ଆଚାର୍ଯ୍ୟ। ଖାସ୍ ପୁରୀର ଓଡିଆ ଜ୍ୟୋତିଷଶାସ୍ତ୍ରୀ। ପୁରୀକୁ କେନ୍ଦ୍ର କରି ସେ 'ସୂର୍ଯ୍ୟ ସିଦ୍ଧାନ୍ତ'ର ପ୍ରାୟୋଗିକ ଶାସ୍ତ୍ର ନିର୍ମାଣ କଲେ। ଏକାଦଶ ଶତାବ୍ଦୀରେ ଏ କାର୍ଯ୍ୟ କିଛି କମ ଗୁରୁତ୍ତ୍ୱପୂର୍ଣ୍ଣ ନ ଥିଲା। ଶତାନନ୍ଦଙ୍କ 'ଭାସ୍ୱତୀ' ହୋଇଗଲା ଶ୍ରେଷ୍ଠ ପ୍ରାମାଣିକ ଜ୍ୟୋତିଷ ଗ୍ରନ୍ଥ। 'କପିଳାବ୍ଦ' ପ୍ରଚଳନ କରି ଓଡିଆ ରାଜତନ୍ତ୍ରକୁ ସେ ପ୍ରତିଷ୍ଠାଦେବାପାଇଁ ଉଦ୍ୟମ କଲାବେଳେ ସୂର୍ଯ୍ୟବଂଶୀ କପିଳେନ୍ଦ୍ର ଦେବ, ଏଇ 'ଭାସ୍ୱତୀ'ର ଛାୟାରେ 'କପିଳଭାସ୍ୱତୀ' ବୋଲି ଗୋଟିଏ ଓଡିଆ ଜ୍ୟୋତିଷ ଗ୍ରନ୍ଥର ପରିକଳ୍ପନା ବି କରିବସିଲେ। କେବଳ ଗ୍ରହଣ ନୁହେଁ, ଓଡିଆଙ୍କର ପ୍ରାୟ ସମସ୍ତ ମୁଖ୍ୟ ପର୍ବ-ବ୍ରତ-ଓଷା-ଉପବାସର ପ୍ରଥମ ନିର୍ଭୁଲ କାଳନିର୍ଣ୍ଣୟକାରୀ ଭାବରେ ଶତାନନ୍ଦ ଅନତିକ୍ରମ୍ୟ। ସପ୍ତଦଶ ଶତାବ୍ଦୀରେ ଗଦାଧର ରାଜଗୁରୁ ତାଙ୍କ 'କାଳସାର' ପାଇଁ ଏଇ ଶତାନନ୍ଦଙ୍କ ଗଣନାରୁ ଉପାଦାନ ନେଇଥିଲେ। ଏଇଥିରୁ ନେଇ ଗଦାଧର ରାଜଗୁରୁ ତାକୁ ପ୍ରାୟୋଗିକ ଗଣନାରେ ବ୍ୟବହାର କଲେ। ଏ ଗଲା ଗୋଟିଏ ସୂତ୍ର, ଆର ସୂତ୍ରଟି ହେଲା ମାସ ବିଚାରରେ ସଂକ୍ରାନ୍ତିର ସ୍ଥାନ। ଶତାନନ୍ଦ ମେଷ ସଂକ୍ରାନ୍ତିରୁ ବର୍ଷାରମ୍ଭର ଗଣନା କଲେ ଓ ତାଙ୍କରିଠାରୁ ଓଡିଆଙ୍କ କାଳ ବିଚାରରେ ଚାନ୍ଦ୍ରମାସ ସ୍ଥାନରେ ସୌରମାସର ପ୍ରବର୍ତ୍ତନ ହେଲା। ଓଡିଆ ପାଞ୍ଜିରେ ମାସ ଆରମ୍ଭରେ ଯେଉଁ କ୍ଷୀଣକାୟ ସଂକ୍ରାନ୍ତି ପୁରୁଷ ଜଣକ ଦେଖାଯାନ୍ତି, ଯାହାଙ୍କ ଅବୟବରେ ବିଭିନ୍ନ ଶୁଭାଶୁଭ ନିର୍ଦ୍ଦେଶର ସୂଚନା ଥାଏ, ସେ ସଂକ୍ରାନ୍ତି ପୁରୁଷ ଶତାନନ୍ଦୀ ପଦ୍ଧତିର ପ୍ରତୀକ

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ପୁରୁଷ। ଏ ସଂକ୍ରାନ୍ତି ପୁରୁଷଙ୍କ ରୂପ କଳ୍ପିତ ହୋଇନଥିଲା, କିନ୍ତୁ ଗ୍ରହନକ୍ଷତ୍ର ମାନଙ୍କୁ ବ୍ୟକ୍ତିତ୍ୱ ପ୍ରଦାନ କରି କାଳର କାୟା ନିର୍ମାଣ ହୋଇ ସାରିଥିଲା। ଶତାନନ୍ଦ ଆଚାର୍ଯ୍ୟ ସଂକ୍ରାନ୍ତିରୁ ମାସ ଆରମ୍ଭ ଗଣନା କରି ଓଡିଆ ଜ୍ୟୋତିଷ ବିଦ୍ୟାରେ ସୌରମାନ ପ୍ରଚଳିତ କଲେ ଓ ସେ ପଦ୍ଧତି ଓଡିଶାରେ ଏବେ ବି ଚଳେ।

ଏକାଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀକୁ ଆସିବା ଭିତରେ ଜ୍ୟୋତିଷର ଅଭିନ୍ନ ଅଙ୍ଗ ଗଣିତ, କିଭଳି ଜ୍ୟୋତିଷକୁ ନେଇ ଜାତକ ନିର୍ମାଣକାରୀ ଗ୍ରହବିପ୍ର ଓ ଖଡିକାରଙ୍କ ଶାସ୍ତ୍ରାନୁମାନର ଅଂଶ କରିଦେଲା, ତା'ର ପ୍ରମାଣ ଖଡିରତ୍ନଙ୍କ ଅଙ୍କକଷାରେ। ନିର୍ମାଲ୍ୟ ତିଳକ ଥିବା ଛୋଟ ବସ୍ତାନିଟିଏ ଓ ଖଡିମୁଣ୍ଡାଏ ଧରି ବାହାରିଥିବା ଖଡିରତ୍ନେ ମଠପିଣ୍ଡାରେ, ଦାଣ୍ଡ ଦୁଆରେ ବା ସିଲଟ ଉପରେ ଫଟାଫଟ୍ ଅଙ୍କ କଷିଦେଇ ଶୁଭଅଶୁଭର ବିଚାର କରିପାରିଲେ। ଧନ ନଥିଲେ ବି ଖଡିରତ୍ନଙ୍କର ପ୍ରତିପତ୍ତି ବଢ଼ିଗଲା। ସ୍ୱଳ୍ପକାଳ ଭିତରେ ଖଡିଶାସ୍ତ୍ର ବି ରଚିତ ହୋଇଗଲା। ଖଡିପକାଇ ଲୋକବିଦ୍ୟାରେ ଜ୍ୟୋତିଷ ଓ ଗଣିତ କିଭଳି ଆସି ବିଶୁଦ୍ଧ ଅନୁମାନକୁ ବି ବୌଦ୍ଧିକ ମର୍ଯ୍ୟାଦା ଦେଇଗଲେ ତା'ର ପ୍ରମାଣ ଶତାନନ୍ଦଙ୍କ 'ଭାସ୍ୱତୀ'ରେ ନ ଥାଇପାରେ, କିନ୍ତୁ ପାଠ କହୁଛି ଯେ ଗ୍ରହବିପ୍ର ଓ ଖଡିରତ୍ନ ଏ ଭିତରେ ଜ୍ୟୋତିଷର ଜଟିଳ ତତ୍ତ୍ୱକୁ ଓ କାଳ ଗଣନାର ପଦ୍ଧତିକୁ ଗଣିତାଶ୍ରୟୀ କରି ଦାଣ୍ଡ ଦୁଆରେ ଭବିଷ୍ୟବିଚାରର ଆତ୍ମୀୟ ଲୋକ ପରଂପରା ଆରମ୍ଭ କରିଦେଲେ। ଗ୍ରହବିପ୍ର ଓ ଖଡିରତ୍ନ କୌଳିକ ଉପାଧି ହୋଇଗଲା। ଜ୍ୟୋତିଷ ଓ ଗଣିତ ଶାସ୍ତ୍ରରେ ବ୍ୟୁତ୍ପତ୍ତି ନ ଥାଇ ବି ଗୋଟେ ପ୍ରକାରର କାମଚଳା ଶୁଭାଶୁଭ ନିର୍ଣ୍ଣୟ କାର୍ଯ୍ୟରେ ଲାଗିଗଲେ ଗୋଟିଏ ଶ୍ରେଣୀର ଲୋକ। ଏଥିପାଇଁ ବ୍ରାହ୍ମଣ ଲୋଡା ହେଲେ ନାହିଁ। ଅଷ୍ଟାଦଶ ଶତାବ୍ଦୀ ସୁଦ୍ଧା ଖଡିରତ୍ନଙ୍କ ସ୍ଥାନୀୟ ପ୍ରତିପତ୍ତି ଯେ ଶାସ୍ତ୍ରଚ୍ୟୁତ ହୋଇ ଅନୁମାନର ଲୋକବିଦ୍ୟାରେ ପରିଣତ ହୋଇଥିଲା ଏଥିରେ ସନ୍ଦେହ ନାହିଁ। ଗଣିତରେ ମଧ୍ୟ ସେହିଭଳି। ଓଡିଶାରେ କୌଣସି ବିଶିଷ୍ଟ ଗଣିତଜ୍ଞ ଜନ୍ମ ନେଇ ନଥିଲେ। ଜ୍ୟୋତିଷକୁ ଛାଡି ଗଣିତର କୌଣସି ଜଟିଳ ପ୍ରୟୋଗ ନଥିଲା। କିନ୍ତୁ ଓଡିଆମାନେ ଗଣିତରେ ଧୁରନ୍ଧର ହୋଇ ଚାଲିଲେ କେବଳ ଲୋକବିଦ୍ୟାର ଶକ୍ତିରେ। ଏ ଲୋକବିଦ୍ୟାର ବଂଶାନୁକ୍ରମିକ ଉତ୍ତରାଧିକାର ପାଇଁ 'ଖଡିବଂଶ' ନାମରେ ଗୋଟିଏ ଅବଧାନ ଶ୍ରେଣୀ ବି ସଂଗଠିତ ହେଲା। ତା ସହିତ ଆସିଲେ 'ମାଟିବଂଶ' ଅବଧାନେ। ଏମାନେ ଥଣ୍ଡା ପଡି ଆସୁଥିବା ଏ ଜାତିର ଭାଷାକୁ ଶହ ଶହ ବର୍ଷ ବଞ୍ଚାଇ ରଖିଲେ। ଅବକ୍ଷୟୀ ସନ୍ଧିକାଳରେ ସଂସ୍କୃତିର ପ୍ରଥମ ପାଠ ଏଇମାନେ ପଢାଇ ଚାଲିଲେ ଓଡିଆଙ୍କୁ।

*ଆମର ଏହି ସଂସ୍କରଣକୁ ପାଠକଲାବେଳେ ଏବଂ ଡାଉନ୍‌ଲୋଡ କଲାବେଳେ ଆପଣଙ୍କୁ ଏକ ଫର୍ମରେ ନିଜ ନାମ ଓ ଇ-ମେଲ୍ ଠିକଣା ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବ। ଅବଶ୍ୟ ଏହା ଦ୍ୱାରା ଆପଣଙ୍କୁ କୌଣସି ପ୍ରକାରର ଅସୁବିଧା ହୋଇନଥିବ। ତଥାପି ଆମର ଏତାଦୃଶ କାର୍ଯ୍ୟଯୋଗୁଁ ଯଦି ଆପଣ ସନ୍ତୁଷ୍ଟ ନଥାଆନ୍ତି, ତେବେ ଆମେ କ୍ଷମାପ୍ରାର୍ଥୀ।*

*ଏହି ପରି କରିବା ପଛରେ ଆମର କିଛି ନିହିତ ସ୍ୱାର୍ଥ ରହିଛି, ଏବଂ ତାହା ହେଉଛି, ଏହା ଜାଣିବା ଯେ ପ୍ରକୃତରେ କେତେଜଣ ଆମ ପତ୍ରିକାକୁ ପଢୁଛନ୍ତି, ଆଉ କେତେଜଣ ନିୟମିତ ଭାବରେ ପ୍ରତ୍ୟେକ ମାସରେ ଆମ ୱେବ୍‌ସାଇଟ୍‌ରେ ଆସି ପତ୍ରିକା ବିଷୟରେ ପଢି ଜାଣୁଛନ୍ତି।*

*ଆମର ୱେବ୍‌ସାଇଟ୍ ବର୍ତ୍ତମାନ ମାଗଣାରେ ଉପଲବ୍ଧ ଇଣ୍ଟରନେଟ୍ ସେବା ଉପରେ ଚାଲୁଛି, ଯାହା ଦ୍ୱାରା ଆମ ୱେବ୍‌ସାଇଟ୍‌ରେ ଅନେକ ନୂତନ ବ୍ୟବସ୍ଥା ଆମେ କରି ପାରୁନୁ, ତେଣୁ ଖୁବ୍ ଶୀଘ୍ର ଆମ ୱେବ୍‌ସାଇଟ୍‌କୁ ଏକ ବ୍ୟବସାୟିକ ଇଣ୍ଟରନେଟ୍ ହୋଷ୍ଟିଂ ବିଶେଷଜ୍ଞଙ୍କ ଜରିଆରେ ନିର୍ମାଣ କରିବାର ଯୋଜନା କରୁଛୁ, କିନ୍ତୁ ଅର୍ଥାଭାବ ଯୋଗୁଁ ଏହା ସମ୍ଭବ ହୋଇ ପାରୁନାହିଁ, ତେଣୁ ଯଦି ଆମର ପ୍ରିୟ ପାଠକ ପାଠିକା ମାନେ କିଛି କିଛି ଅର୍ଥ ଆମକୁ ସାହାଯ୍ୟ କରିବେ ତେବେ ଆମେ ନୂତନ ୱେବ୍‌ସାଇଟ୍ ନିର୍ମାଣ କରିବାରେ ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ।ଧନ୍ୟବାଦ।*

Aahwaan

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ବର୍ଷାର ଚୌପଦୀ

ବବ୍ରୁବାହନ ମହାପାତ୍ର

ଯୁଯୁମରା ଆକାଶରେ
ମାଓବାଦୀ ମେଘ ଆଉ
କମାଣ ଗର୍ଜନ, ଚକ୍ ଚକ୍ ଛୁରୀର ବିଜୁଳି
ମେଷ ଛୁଆ ବେକ ଭାଙ୍ଗି
ରକତର ଧାର ଛୁଟେ ବରଷାଠୁ ବଳି।
ତୋପେ ସିନା ପୁରିଥାଏ
ପୁଲିସର ଗୁଳି
ଆତଙ୍କିତ ଅଧିବାସୀ, ଯାତ୍ରୀ ଓ ପଡୋଶୀ
ପାରେନା ତ ମରଣୁ ମୁକୁଳି।
ସେ ବରଷା ଆଣେ ସବୁଜିମା
ଏଠି କିନ୍ତୁ ବର୍ଷାରେ
ଝରିପଡେ ବିଦ୍ୱେଷ ଓ ବୋମା।

ଓଡିଆ ବିଭାଗ, ବିଜେପୁର କଲେଜ, ବିଜେପୁର, ବରଗଡ

# ତିନୋଟି ପାଖୁଡା

ଅଶୋକ ରାଉତ

(୧)
ପହିଲି ବରଷା ଦେଇଅଛି ମନେ
ଅସୁମାରୀ କେତେ କୋହ
ଆଖିରେ ମୋହର ଦେଇଛି ବି ଭରି
ଅଝରା ଅସରା ଲୁହ।
(୨)
ଶୀତଳତା କେବେ ଦିଏନି ବରଷା
ଦିଏ ଅସୁମାରୀ କ୍ଷତ
ନିରବେ ନିରବେ ନିତି ଝରି ଝରି
ଏକା ଗାଇବାକୁ ଗୀତ
(୩)
ସଖୀ ଗୋ
ଭଲ ନାହିଁ ଆଜି ମନ
ଉଦାସୀ ରଙ୍ଗ ଦେଇଅଛି ବୋଳି
ଶ୍ରାବଣ ତ ଏଇ ସନ।

ପ୍ଲାଣ୍ଟ୍ ସାଇଡ୍ ରୋଡ୍, ରାଉରକେଲା

# ଆଜିର ବର୍ଷା

ପ୍ରହ୍ଲାଦ ଶତପଥୀ

ଆଜିର ବର୍ଷା
ଧୋଇଦେଲା ମୋର ସମସ୍ତ ଅବସାଦକୁ
ଉପୁଡି ପଡିଥିବା ଗଛଟିର
ଉପୁଡିଲା ପଣକୁ ଧୋଇଦେଇ
ମାଟିଠୁ ଅଲଗା କରି
ଦେଖେଇ ଦେଲା ସଭିଙ୍କୁ,
ଛୋଟ ଛୋଟ ଧାନଗଛ ସବୁ ଅନାଉଥାନ୍ତି
ରାସ୍ତା ଅନାଉଥାଏ,
ଝିଙ୍କାରିର ଡାକ ଶୁଭୁଥାଏ,
ବର୍ଷା ଆସ୍ତେ ଆସ୍ତେ ମୋତେ
ଧୋଇ ପକାଉଥାଏ,
ମୁଁ ମାଟିଠୁ ଅଲଗା ହୋଇଯାଉଥାଏ।
ନିରବତାର ଧାର ଏତେ ଶାଣିତ ଯେ
ଟଳି ପଡିଲେ ବି ଶବ୍ଦ ଶୁଭେନି,
କ୍ଷତରୁ ଝରେନି ରକ୍ତ,
ଆକାଶ ଆଗ ପରି ମେଘ ବତୁରା ଥାଏ
ବର୍ଷାର ପ୍ରତିଟି ଟୋପାରେ ଜୀବନ ଥାଏ
ଥାଏ ମୃତ୍ୟୁ ବି!
ଜୀବନ/ମୃତ୍ୟୁ, ଉଭୟେ
ପରିଷ୍କାର ଦେଖାଯାଉଥାନ୍ତି

Aahwaan

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଯେମିତି ପାହାନ୍ତି ସକାଳ
ଯେମିତି ତରାଟ ଗଛର ଫୁଲ
ଯେମିତି ସ୍ୱଚ୍ଛ କାକର
ଯେମିତି ତୁମ ଉଦାସୀ ଆଖିର ଚାଦର
ଡାଙ୍କିଦେଉଥାଏ ସବୁକିଛି,
ଦୃଶ୍ୟକୁ ଅଦୃଶ୍ୟକୁ,
ମୋର ଉପୁଡି ଯାଉଥିବା ମୁଦ୍ରାକୁ!!

ଟିକ୍ରାପଡା, ବଲାଙ୍ଗୀର

# ବର୍ଷା ବିରହ

ବୈଦ୍ୟନାଥ ଖିଲାର

ବର୍ଷା ଖାଲି ଥରେ ଆସେ
ଥରେ ସେ ବରଷେ
ସରିଯାଏ ଆଷାଢ ଶ୍ରାବଣ
ଅଭୁଲା ସେ ଭିଜିବାର ଦିନ।
ସେହି ବର୍ଷା ସ୍ମୃତି ହୁଏ
କାନ୍ଦୁଥାଏ ସାରା ଜୀବନକୁ
ମେଘ ହୋଇ ଛୁଉଁଥାଏ
ପାହାଡ ଓ ଓଥରୀ ମାଟିକୁ
ଫୁଟାଇ କଦମ୍ବ ଫୁଲ
ଶୁଖିଲା ସେ ସମୟର ଡାଳେ
ବୟସର ଯମୁନା ତଟରେ
ଋତୁ ଅଋତୁରେ।
ଏ ବର୍ଷ ତ ବର୍ଷା ଆସିଗଲା
ତମେ ତ ରାଉରକେଲା
କଟକ ଏକଲା।

ବିମାନ ଅନୁସନ୍ଧାନ କେନ୍ଦ୍ର, କଟକ

Subscribe to Aahwaan e-Biz News Letter and put your Ads for free, Visit our website today and learn more:
http://aahwaan.5gbfree.com/nl.html

# ବର୍ଷା

ମାଳତୀ ଉଦ୍‌ଗାତା

ମଉସୁମୀ ବାରମ୍ବାର ପୁଚି ଖେଳେ ଏଠି
ଖଣ୍ଡିଆ ଖଣ୍ଡିଆ ମେଘ ଦିଗହରା ହୋଇ-
ଚରିବୁଲେ ଆକାଶ ଅଗଣାରେ,
ବୁନ୍ଦା ବୁନ୍ଦା ମେଘ ଖସେ ଝଡ ସହ
ଝର୍କା ପଟୁ ଉଙ୍କିମାରେ
ବେଳେ ବେଳେ ଝଲକାଏ କାଲୁଆ ପବନ
ମନଟାକୁ ଫଗୁ କରି ମୋର।
ଯେତେ ଆତ୍ମ ଅଭିମାନ ସବୁ
ହଜିଯାଏ ଆକାଶର ଶୂନ୍ୟ ଅଗଣାରେ
ନିଃଶବ୍ଦ କୋଠରୀ ଏଠି ଗିଳିଦିଏ ମୋର ସତ୍ତା ଗୋଟାପଣେ
ଡମକଥା ବାରମ୍ବାର ମନେପଡେ ମୋର।

ସାମନା ମନ୍ଦିରର ନେତ ହଲୁଥାଏ ବର୍ଷାଭିଜା ପବନରେ
ଅସହାୟ ନିମ୍ବଗଛ କାନ୍ଦୁଥାଏ ଗୁମୁରି ଗୁମୁରି
ତମେ କିଆଁ ଶୀଘ୍ର ଫେରି ଆସନାହିଁ ଅତୀତର ଅନ୍ଧାର
ଗଳିରୁ
ଚିନ୍ତାରେ ବୁଡାଇ ମାର ମୋତେ ଖାଲି,
ଅପେକ୍ଷାରେ ଦିନ କଟେ
ଗୋଟାଏ ମୁହୂର୍ତ୍ତ ଲାଗେ କୋଟିକଳ୍ପ ପରି,
ଧୀରେ ଧୀରେ ଅନ୍ଧାର ଘନେଇ ଆସେ ଆକାଶର ଶୂନ୍ୟ
ଅଗଣାରୁ
ଦର୍ପଣର ଇଲାକାକୁ ଡିଆଁ ମାରେ
ସଙ୍କୁଚିତ କରି ମୋର ହୃଦୟର ଭାବନା ତନ୍ତ୍ରୀକୁ।

ଭଲକରି ଅସରାଏ ବର୍ଷା ହେଲେ
ପ୍ରଚଣ୍ଡ ଖରାର ଟାଣ କମିଯାଆନ୍ତା,
ବର୍ଷ ସପନ ଏଠି

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆସିବାର ପ୍ରତିଶ୍ରୁତି ଭାଙ୍ଗୁଥାଏ ବାରମ୍ବାର
ଆକାଶରେ କେତେବେଳେ ମେଘ ହେଲେ ଝଡରେ ପହଁରି
ଯାଏ
ସ୍ମୃତିକୁ ଭିଜାଇ ଖାଲି ବାରମ୍ବାର ଶୀତଭିଜା ପବନରେ।

ଦାଣ୍ଡର ଦୁଆର ମୋରି ଚାହିଁଥାଏ ଅପଲକ ତୁମରି
ଫେରିବା ବାଟକୁ
ଯୋଜନ ଯୋଜନ ଦୂର ଲମ୍ବିଯାଏ ସମୟର ପଣତ କାନିଟା
ତମେ କହିଥିଲ ପରା
ସାଥିରେ ନେଇ ଆସିବ ବର୍ଷାଟାକୁ,
ଅମାନିଆ କଥା ମାନେନାଇଁ ଖାଲି
ଲୁଚକାଳି ଖେଳୁଥାଏ ଆକାଶର ଅଗଣାରେ ଶୂନ୍ୟକୁ
କୁଣ୍ଢାଇ।
କ୍ଲବ୍‌ପଡ, ବଲାଙ୍ଗୀର

## ବର୍ଷା ଋତୁ

ସତ୍ୟପ୍ରିୟା ପଟ୍ଟନାୟକ

ବରଷକୁ ଥରେ
ଅପେକ୍ଷା ତୁମକୁ
ତୁମପାଇଁ କେତେ
ଅଙ୍କକଷା
ଶାଶୁଘର ଝିଅ ନା
ବିଦେଶରେ ଥିବା ପୁଅ-
ତୁମେ
ତୁମେ ଆସିଲେ
ବୁଢୀମା'ର ଯୌବନ
ଫେରିଆସିଲା ପରି
ବେସୁରା ସଂଗୀତ ଗାଏ
ଉଦାସ ଜୀବନ।

ଖରିଆର ରୋଡ୍, ନୂଆପଡା

## ଦହନ

ଦୀପ୍ତିଶ୍ରୀ ସାହୁ

ବର୍ଷାରେ ଦେଖା ହୋଇଥିଲା ବୋଲି ତ
ଆଜି ମୋ ଆଖିରେ ବର୍ଷା
ଇନ୍ଦ୍ରଧନୁକୁ ଚାହିଁଥିଲି ବୋଲି ତ
ଜୀବନସାରା ରଙ୍ଗର ମରୁଡି
ଅନ୍ଧାରରେ ପାଦ ଚିପି ଚିପି
ଆସିଥିଲି ବୋଲି ତ
କାଦୁଅରେ ଖାଇଚି କଚଡା।
ଖରା ଥିଲା ବରଂ ଭଲ ଥିଲା
ଦହନ ଥିଲେ ବି ଏଠି ଦହନ ନଥିଲା।
ବାଲିଚଉଁରୀ, ଚଷାପଡା, କଟକ

## ବର୍ଷା ଯେ ବର୍ଷା

ତୁଷାର ପାଲଟାସିଂହ

ବର୍ଷା ଯେ ବର୍ଷା
ଚାରି ଇନ୍ଦ୍ର ବର୍ଷା।

ଦେହର ଆଉ ଅନୁମତି ନାହିଁ
ମନବି ସମ୍ଭାଳୁ ନାହିଁ।
ପବନ ସହିତ
ବିଜୁଳି ଘଡଘଡି
ମୁଁ କିନ୍ତୁ ତୁମକୁ ଏକା ଚାହୁଁଥିଲି।

ମନେପଡୁଛି ନଈକୂଳରେ
ଛିଡା ହୋଇଥିବା

Aahwaan

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଗଛଟିର ଦୀର୍ଘଶ୍ୱାସ।
ଉଚା ଉଚା ପାଚେରୀ ଉପରେ
ଝୁଲୁଥିବା ଅସହାୟ ଆକାଶ।

ତୁମେ କ'ଣ
ଝର୍କା ସେପାଖରେ
ଅନ୍ଧାରରେ ଜଳଜଳ
ଦିଶୁଥିବା ମୁହଁ?
ନିୟମିତ ବ୍ୟବଧାନରେ
ନିଶାର୍ଦ୍ଧରେ
ମତେ ଉଠାଉଥିବା
ଘଣ୍ଟାର ଶବ୍ଦ?

ବର୍ଷା ଯେ ବର୍ଷା
ଅସମ୍ଭବ ବର୍ଷା।

ରାଜନୀତି ବିଜ୍ଞାନ ବିଭାଗ,
ତାଳଚେର ମହାବିଦ୍ୟାଳୟ

# ବର୍ଷା ପଞ୍ଚକ

ସୁରେଶ ବଳବନ୍ତରାୟ

ବରଷାର କାନ୍ଦଣାରେ
ହସିଉଠେ ଝରଣା
ଝରଣାର କଳନାଦରେ
ଗର୍ଭବତୀ ହୁଏ ନଦୀ।

ସମୁଦ୍ର ଶୁଖି ହୁଏ
ଆକାଶର ଲୁହଧାର
ସେ ଲୁହରେ ପୁଣି
ପରିପୂର୍ଣ୍ଣ ହୁଏ ସାଗର।

ବର୍ଷା ନିଷ୍ଠୁର ନିର୍ମମ
ଭାଙ୍ଗିଦେଇଛି ଅନାମ ଦାସର ଘର।
ବନ୍ୟା ଭସେଇ ନେଇଛି
ତା'ର ଗର୍ଭବତୀ ପତ୍ନୀକୁ।

ଖରା ବର୍ଷାରେ ଖେଳରେ
ବିଲୁଆ ନନାର ବାହାଘର ହୁଏ
ବେଳେ ବେଳେ ଲଘୁଚାପ
ଧ୍ୱସ୍ତ କରି ଦିଏ ଯେତେ ପାର୍ବଣ ମୁହୂର୍ତ୍ତ।

ମୌସୁମୀ ଆସିବ ଆସିବ ହୋଇ
ଆସିଲା ଶେଷରେ,
ବିଲ ମୁଣ୍ଡରେ ବସିଥିବା ମଧୁ ପଧାନର
ଆଖିରେ ସବୁଜ ପରଳ ସୃଷ୍ଟି କରି।

୦୨, ଫ୍ଲାଟ୍ସ, ଶ୍ରାବଣୀ ଏନ୍‌କ୍ଲେଭ୍, ଏକାମ୍ର କଲେଜ ପାଖ,
କପିଳ ପ୍ରସାଦ, ଭୁବନେଶ୍ୱର

# ଶ୍ରାବଣ କି ଆସିଗଲା

କମଳ କୁମାର ପଟ୍ଟନାୟକ

ଋତୁର ପକ୍ଷୀଟି ଆସେ ଉଡି ଉଡି
ଭିଜାଇ ତା ବୟସର ଡେଣା,
ଲାଗେ ସତେ ଶ୍ରାବଣ କି ଆସିଗଲା
ଖୋଜି ଖୋଜି ପୃଥିବୀ ଠିକଣା।
ବଇଶାଖ ଜ୍ୱଳନରେ
ଜଳୁଥିଲା ମାଟି ଯଉବନ,
ମଉସୁମୀ ପରଶକୁ
ଚାହିଁଥିଲା ବିରହୀ ତା ମନ।
ଛମ୍ ଛମ୍ ବରଷାରେ
ଏବେ ସେ ପାଇବ ଧୀରେ

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଶ୍ରାବଣକୁ ମାଗିଥିବା ତା'ପ୍ରେମ ପାଉଣା-
ଋତୁର ପକ୍ଷୀଟି ଆସେ।
ପ୍ରେମିକ ନଥିଲେ ପାଶେ
ପ୍ରେମିକା କି ଏକା ରହିପାରେ,
ବିରହ ମନରେ ଭରି
ଜୀବନକୁ ଅହରହ ଜାଳେ।
ଶୟନେ ସପନେ ତାର
ଆଶା ଜାଗେ ମିଳନର
ହୃଦୟରେ ବାଜିଉଠେ ମଧୁର ମୂର୍ଚ୍ଛନା-
ଋତୁର ପକ୍ଷୀଟି ଆସେ।

ଏଫ୍-୧୧୩, ସେକ୍ଟର-୭, ମର୍କତ ନଗର, କଟକ

## ଅମାନିଆ ବର୍ଷା

ଆଶୁତୋଷ କରଣ

ସୁତରାଂ,
ଆଖିର ଲୁହ ପରି
ଆକାଶ ଓଠରୁ
ଧୋଇ ନେଉଛୁ ଦୁଃଖ

ଜାଣିଛିଲୋ ବର୍ଷା
ପଣତରେ ଧରି ଆସିଛୁ
ଅମାନିଆଁ ବନ୍ୟା,
ଦେଖି ଜାଣିନୁ କାହାର ସୁଖ।

କମାରିଆ ବଜାର, ତିହିଡି, ଭଦ୍ରକ

## ତୁମ ଗାଁରେ ବର୍ଷା

ଧନଞ୍ଜୟ ସ୍ୱାଇଁ

ବାହାରେ ବର୍ଷା ନାଚିବା ଦେଖିଲେ
ତୁମେ ମନେପଡ ଭାରି
ବରଷା ବୁଝେନି ମନକଥା କିନ୍ତୁ
ମନଦିଏ ଓଦା କରି।
ବରଷା ଭରିଛି ତୁମରି ଆଖିରେ
ନୀଳ ଜହ୍ନର ନିଆଁ
ବରଷା ତୁମରି ଦେହ-ବଗିଚାରେ
ପରଜାପତିର ଛୁଆଁ।
ବରଷା ସୋରାଏ ସବୁଜ ସପନ
ତୁମ ନୀଳ ଆଖିଧାରେ
ବରଷା କଅଁଳ କୁହୁଡିର ଧୂଆଁ
ତୁମ ଗାଁ ଆରପାରେ।
ତୁମ ଗାଁ ନଈ, ଧାନବିଲ ଆଉ
ପହିଲି ବରଷା ରାତି
ସବୁ ଭଲଲାଗେ ପାଖେ ଯଦି ଥାଏ
ତୁମରି ପୁରୁଣା ସ୍ମୃତି।

ରଙ୍ଗେଇଲୁଣ୍ଡା, କନିଷି, ଗଞ୍ଜାମ

## କେତେ ଭଲ ହୁଅନ୍ତା

ପ୍ରଭାତ କୁମାର ସାହୁ

ବର୍ଷା!
କେତେ ଭଲ ହୁଅନ୍ତା
ତୁମେ ଧୋଇ ଦେଇପାରିଲେ
କାଳୀ ଝିଅ ଦେହରୁ
କଳା ରଙ୍ଗକୁ।
କେତେ ଭଲ ହୁଅନ୍ତା
ତୁମେ ଏକା ଆସିଲେ
ଛାଡି ତୁମ

Aahwaan

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ବତାସ ସାଙ୍ଗକୁ।
କେତେ ଭଲ ହୁଅନ୍ତା,
ତୁମେ ଲିଭେଇଦେଇ ପାରିଲେ
ହୃଦୟର ଜାଳିବାକୁ
ମନମଧ୍ୟେ ଲୁଚିଥିବା
ଅଗ୍ନି ସ୍ଫୁଲିଙ୍ଗକୁ।
ବୁଡେନ୍, ପଦ୍ମପୁର, ବରଗଡ

ବିତରେ ଅକାତରେ ଜୀବନ ଘନ,
ଧନ୍ୟ ସେ ଦାତା ଜାଣେ ଯାଚକ ମନ।
ବର୍ଷନ୍ତି ମହୀ ମୁଖେ ନଇଁ ଅମ୍ବୁଦେ
ବିଦ୍ୟା-ସଂପଦେ ଯଥା ନମନ୍ତି ବୁଧେ।
କବିବର ରାଧାନାଥ

ନାଟ୍ୟକାର ପରି ଆସି ବରଷା ସମୟ
ଦେଖାଇଲା ଲୋକେ ନବନବ ଅଭିନୟ
କେତେବେଳେ ଏକ ଦିଗୁ ଉଠି ନବଘନ
ଦେଖୁ ଦେଖୁ ଢାକିଦିଏ ସମସ୍ତ ଗଗନ।
ସ୍ୱଭାବ କବି ଗଙ୍ଗାଧର

ସର୍ପର ଫଣାର ଛାୟା ନାଗଫେଣୀ ଛାୟା
ମୟୂରକଣ୍ଠୀ ମେଘର ଘନନୀଳ ଛାୟା
ମହ୍ଲାର ମେଘର ନୀଳେ ମହ୍ଲାରର ଛାୟା
ବର୍ଷା ଆସେ ସର୍ପଗନ୍ଧା ବନେ।
ବିନୋଦ ନାୟକ

ଏ ସେହି ବର୍ଷା ଯେଦିନେ
ମହେଞ୍ଜୋଦାରୋ ଅଥବା ହରପ୍ପାର
ସନ୍ଧ୍ୟାକୁ ଆହୁରି ବିଧୁର କରିଥିଲା।
ଏ ସେହି ବର୍ଷା
ଯେ ମୋର ମନକୁ ଭରି ଦେଇଛି
ବ୍ୟାକୁଳ ପ୍ରଗଲ୍ଭତାରେ।
ମୁଁ ଭଲପାଏ ବର୍ଷାକୁ
ତା'ର ବିରାମହୀନ କୀର୍ତ୍ତନକୁ।
ଭାନୁଜୀ ରାଓ

# ଉତ୍ତରଦାୟୀ କିଏ?

ରାଜ୍ୟ ରାଜନୀତି

ଗୋପାଳ ମିଶ୍ର

ଆମ ବ୍ୟବସ୍ଥାରେ ଗୋଟିଏ ନିର୍ବାଚିତ ସରକାରର ଯେଉଁ ସବୁ ଦାୟିତ୍ୱ ରହିଛି ତା ମଧ୍ୟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଦୁଇଟି। ଗୋଟିଏ ହେଲା ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହିତ ଅପରାଧ ନିୟନ୍ତ୍ରଣ କରିବା ଯେପରିକି ସାଧାରଣ ଲୋକେ ନିଜକୁ ନିରାପଦ ଓ ସୁରକ୍ଷିତ ମନେ କରିବେ। ଅନ୍ୟଟି ହେଉଛି ବିକାଶର ପ୍ରକ୍ରିୟାକୁ ପ୍ରାଥମିକତା ଦେଇ ନିଷ୍ଠାର ସହିତ ବିଭିନ୍ନ କାର୍ଯ୍ୟକ୍ରମ ରୂପାୟିତ କରିବା। କ୍ଷୋଭର ସହିତ କହିବାକୁ ହେଉଛି ଯେ ରାଜ୍ୟର ସାଂପ୍ରତିକ ପରିସ୍ଥିତି ଯାହା ସେଥିରେ ନୈରାଶ୍ୟବୋଧ କରିବାର ଯଥେଷ୍ଟ କାରଣ ରହିଛି। କେବଳ ଦୋଷଦର୍ଶୀ ହେବା କିମ୍ବା ସବୁକଥାରେ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ଦୋଷ ଲଦିଦେବା ଉଦ୍ଦେଶ୍ୟ ନୁହେଁ ଯଦିଓ ଅବଶେଷରେ ଶାସନର ମଙ୍ଗୁଆଳ ଭାବରେ ମୁଖ୍ୟମନ୍ତ୍ରୀ ନିଜର ଉତ୍ତରଦାୟିତ୍ୱ ଏଡାଇ ଯାଇପାରିବେ ନାହିଁ। କିନ୍ତୁ ଯେଉଁମାନେ ପ୍ରତ୍ୟକ୍ଷ ଭାବରେ ଉପରୋକ୍ତ ଦୁଇଟି ଦାୟିତ୍ୱ ତୁଲାଇବା ପାଇଁ ଉଦ୍ଦିଷ୍ଟ ସେମାନେ ଭୁଲିଯିବା ଉଚିତ ନୁହେଁ ଯେ ସେମାନଙ୍କର ମଧ୍ୟ ଉତ୍ତରଦାୟିତ୍ୱ ଅଛି। ସରକାରୀ ଚାକିରିର ବ୍ୟବସ୍ଥାଗତ ସୁରକ୍ଷାର ବଳୟ ମଧ୍ୟରେ ରହି ସେମାନେ ଯେତେ ଯାହା ସଫେଇ ଦେଲେ ମଧ୍ୟ କର୍ତ୍ତବ୍ୟବୋଧର ଅଭାବକୁ ଘୋଡେଇ ରଖିବା ଉଦ୍ୟମ କେବେହେଲେ କ୍ଷମଣୀୟ ହୋଇ ନପାରେ।

Aahwaan

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଉଦାହରଣ ସ୍ୱରୂପ ଦର୍ଶାଯାଇପାରେ ଯେ ଶାନ୍ତିଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେଲେ କିମ୍ବା ଅପରାଧର ମାତ୍ରା ବୃଦ୍ଧି ହେଲେ ବରାବର ସଫେଇ ଦିଆଯାଇଥାଏ ଯେ ପୁଲିସ୍ ବାହିନୀରେ ଲୋକ ବଳ କମ୍। ଆବଶ୍ୟକ ମୁତାବକ ଅନ୍ୟାନ୍ୟ ଆଧୁନିକ ସୁବିଧା ମଧ୍ୟ ନାହିଁ। ଏକଥା ଶୁଣି ଶୁଣି କାନ ବଧିରା ହୋଇଗଲାଣି। ଅଥଚ ପୁଲିସ୍ ପ୍ରଶାସନର ଆଧୁନିକୀକରଣ କରାଯାଉଛି ଏବଂ ନୂଆ ନୂଆ ବଟାଲିୟନ୍ ପ୍ରତିଷ୍ଠା କରାଯାଉଛି ଆଦି କଥା ବରାବର ଶୁଣିବାକୁ ମିଳିଥାଏ। ପ୍ରତ୍ୟେକ ବର୍ଷ ପୁଲିସ୍ ପ୍ରଶାସନ ସଂପର୍କୀୟ ଶ୍ୱେତପତ୍ରରେ ଶାନ୍ତି ଶୃଙ୍ଖଳା ଓ ଅପରାଧ ଜନିତ ପରିସ୍ଥିତି ସନ୍ତୋଷଜନକ ବୋଲି ଦାବି କରାଯାଇଥାଏ।

ମାଓବାଦୀ ଉଗ୍ରପନ୍ଥୀମାନଙ୍କ ହିଂସାକାଣ୍ଡ ଏକ ସମୟ଼ରେ ଦକ୍ଷିଣ ସୀମାନ୍ତବର୍ତ୍ତୀ କେତୋଟି ଜିଲ୍ଲାରେ ସୀମାବଦ୍ଧ ଥିଲା। ଏବେ ତାହା ପଶ୍ଚିମାଞ୍ଚଳ ଓ ଉତ୍ତରାଞ୍ଚଳ ବ୍ୟତୀତ ଉପକୂଳବର୍ତ୍ତୀ କେତେକ ଅଞ୍ଚଳକୁ ବ୍ୟାପ୍ତ ହେଲାଣି। ଗତ କେତେ ବର୍ଷ ମଧ୍ୟରେ କୋରାପୁଟ୍‌ଠାରୁ ଆରମ୍ଭକରି ଉଦୟଗିରି ପର୍ଯ୍ୟନ୍ତ କେତେକ ସ୍ଥାନରେ ଉଗ୍ରପନ୍ଥୀମାନେ ପ୍ରଶାସନକୁ କବ୍‌ଜା କରି ଯେଉଁ କାଣ୍ଡମାନ ଘଟାଇଥିଲେ ତା ଉପରେ ଦୃଷ୍ଟିପକାଇଲେ ଆମ ପ୍ରଶାସନ ଓ ପୁଲିସ୍ ବଳ କେତେ ନିଃସହାୟ ତାହା ବାରି ହୋଇପଡିବ। ସର୍ବଶେଷ ଘଟଣାରେ କୋରାପୁଟ ଜିଲ୍ଲାର ଦର୍ଲିପୁଟ୍ ରେଳଷ୍ଟେସନ୍ ଉପରେ ଯେଉଁ ଉଗ୍ରପନ୍ଥୀ ଚଡାଉ କଲେ ଓ ବୋମା ବିସ୍ଫୋରଣରେ ଗୋଟିଏ ମାଲ୍ ଗାଡି ଇଞ୍ଜିନ୍‌କୁ ଧ୍ୱସ୍ତବିଧ୍ୱସ୍ତ କରିଦେଲେ। ଏକା ଦିନରେ ଦେଓଗଡ ଜିଲ୍ଲାର ତେଲିକୁସୁମୀ ଓ ରାଣୀଗୋଲା ଗ୍ରାମ ଉପରେ ଚଡଉ କରି ଜଣେ ଠିକାଦାର ଓ ଜଣେ ପୁଲିସ୍‌କୁ ଖବର ଯୋଗାଇ ଗୋଇନ୍ଦାଗିରି କରୁଥିବା ବ୍ୟକ୍ତି ଓ ଆଉ ଜଣେ ସାଧାରଣ ବ୍ୟକ୍ତିକୁ ନୃସଂଶ ଭାବେ ହତ୍ୟାକଲେ। ଗାଁ ଲୋକେ ଭୟରେ ଘରଦ୍ୱାର ଛାଡି ପଳାଇଲେ। ଠିକ୍ ଏହି ଘଟଣାର ପରିପ୍ରେକ୍ଷୀରେ ବ୍ରହ୍ମପୁର ନିକଟବର୍ତ୍ତୀ ରଙ୍ଗେଇଲୁଣ୍ଡାରୁ ସଡକ ପଥରେ ଯାଇ ମୁଖ୍ୟମନ୍ତ୍ରୀ ମାଓବାଦୀ ଉପଦ୍ରୁତ ରାୟଗଡା, ଗୁଣୁପୁର ଓ ପାରଳାଖେମୁଣ୍ଡି ଗସ୍ତକରି ନିରାପଦରେ ଫେରିଆସିଲେ। ଆମ ପୁଲିସ୍ ଡିଜି ଅମରାନନ୍ଦ ପଟ୍ଟନାୟକ ଜଣେ ସ୍ୱଚ୍ଛ ଭାବମୂର୍ତ୍ତୀ ସଂପର୍ଣ୍ଣ ଦକ୍ଷ ପୁଲିସ୍ ଅଫିସର ଭାବରେ ପରିଚିତ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନିରାପଦ ଗସ୍ତର ତାତ୍ପର୍ଯ୍ୟ ସଂପର୍କରେ କ୍ୟାମେରା ଆଗରେ ଗୋଟିଏ ଘରୋଇ ଟିଭି ଚ୍ୟାନେଲ୍‌କୁ ସେ ଯାହା କହିଲେ ତାହା ବେଶ୍ କୌତୁହଳପ୍ରଦ। ଯେହେତୁ ଉଗ୍ରପନ୍ଥୀପ୍ରବଣ ଏହି ଅଞ୍ଚଳରେ ସଡକ ପଥରେ ଗସ୍ତକରି ମୁଖ୍ୟମନ୍ତ୍ରୀ ନିରାପଦରେ ଫେରିଯାଇଛନ୍ତି ସେହି କାରଣରୁ ଆଇନ୍‌ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି ଦର୍ଶାଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ଦର୍ଲିପୁଟ୍, ତେଲିକୁସୁମୀ, ରାଣୀଗୋଲାର ସଦ୍ୟ ହିଂସାକାଣ୍ଡରେ ପୁଲିସ୍‌ର ନିଷ୍କ୍ରିୟତାକୁ ସେ ବେଶ୍ ଚତୁରତାର ସହ ଏଡାଇ ଯାଇଥିଲେ। ପରେ ପରେ ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପକୁ ଉଡାଇ ଦେବାର ପ୍ରୟାସ, ବିଏସ୍‌ଏନ୍‌ଏଲ୍ ଟାୱାର୍ ଭାଙ୍ଗିବା ଏବଂ ଲ୍ୟାଣ୍ଡ୍ ମାଇନ୍ ବିସ୍ଫୋରଣ ଘଟିବା ସିଦ୍ଧ କରିଦେଲା ଯେ ପୂର୍ବରୁ ପୁଲିସ୍ ବାହିନୀ ସତର୍କ ଥିଲେ ମଧ୍ୟ ଉଗ୍ରପନ୍ଥୀମାନେ ମୁକାବିଲା ମୁଳକ ପଦକ୍ଷେପ ନେବାରେ ଦ୍ୱିଧାବୋଧ କରୁନାହାନ୍ତି। ପୁଣି ପରେ ପରେ ସମ୍ବଲପୁରଠାରୁ ୪୦ କିଲୋମିଟର ଦୂରେ ଜାତୀୟ ରାଜପଥରେ ଅନ୍ଧାଧୁନିଆ ଗୁଳି ଚଳାଇ ଗୋଟିଏ ଇଣ୍ଡିକା କାର୍‌ର ଯାତ୍ରୀମାନଙ୍କୁ ଗୁରୁତର ଭାବରେ ଆହତ କରାଯାଇଥିଲା। ରାସ୍ତାରେ ଏକ ଟ୍ରକ୍ ଜବତ କରି ତାକୁ ପୋଡି ଦିଆଗଲା। ତପସ୍ୱିନୀ ଟ୍ରେନ୍‌କୁ ଲାଇନ୍ ଉପରେ ୬ ଘଣ୍ଟାକାଳ ଅଟକ ରଖାଗଲା।

ଏ କଥା ବହୁଦିନରୁ ଜଣା ଅଛି ଯେ ବିକାଶର ମାନଦଣ୍ଡରେ ଗରିବ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁଡିକ ଏବେ ମଧ୍ୟ ବହୁ ପଛରେ ଯେଉଁଥି ପାଇଁ ସେ ସବୁ ଅଞ୍ଚଳରେ ଜନ ଅସନ୍ତୋଷ ଲାଗିରହିଛି ଏବଂ ପ୍ରଶାସନ ଉପରୁ ଭରସା କମିବାରେ ଲାଗିଛି। ପ୍ରଶାସନର ବିଶ୍ୱସନୀୟତା ପ୍ରତି ସେ ଅଞ୍ଚଳ ଲୋକମାନଙ୍କ ମଧ୍ୟରେ ଆସ୍ଥା ଜନ୍ମାଇ ନ ପାରିଲେ

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଉଗ୍ରପନ୍ଥୀମାନଙ୍କ ଅନୁପ୍ରବେଶ ବନ୍ଦ କରିବା ସହଜସାଧ୍ୟ ହେବନାହିଁ। ନିକଟରେ ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ସଚିବ ମଧ୍ୟ ଗୋଟିଏ ଟିଭି ଚ୍ୟାନେଲ୍‌କୁ ସାକ୍ଷାତକାର ଦେଲାବେଳେ ପଛୁଆ ଅଞ୍ଚଳର ବିକାଶ ହିଁ ଉଗ୍ରପନ୍ଥୀମାନଙ୍କୁ ନିବର୍ତାଇବାର ଗୋଟିଏ ମାତ୍ର ବାଟ ବୋଲି ସ୍ୱୀକାର କରିଥିଲେ। କିନ୍ତୁ ବିକାଶର ପ୍ରକ୍ରିୟା କିପରି ବାଟରେ ଚାଲିଛି ସେ ସଂପର୍କରେ ଆଲୋଚନା କରିବା ପୂର୍ବରୁ ଅପରାଧ ନିୟନ୍ତ୍ରଣ ପରିସ୍ଥିତି ଉପରେ ଦୃଷ୍ଟିପାତ କରିବା।

ସ୍ୱରାଷ୍ଟ୍ର ବିଭାଗର ବଜେଟ୍ ଯାଞ୍ଚ କରିଥିବା ବିଧାନସଭାର ସର୍ବଦଳୀୟ ଷ୍ଟାଣ୍ଡିଂ କମିଟି ଯେଉଁ ରିପୋର୍ଟ ଦେଇଛନ୍ତି ତାକୁ ଅନୁଧ୍ୟାନ କଲେ ଅପରାଧର ମାତ୍ରା କମିବା ପରିବର୍ତ୍ତେ କିପରି ବୃଦ୍ଧିପାଇ ଚାଲିଛି ତାହା ଭଲ ଭାବରେ ବୁଝି ହେବ। ଉଲ୍ଲେଖ କରାଯାଇ ପାରେ ଯେ ଏଥିରେ ଥିବା ତଥ୍ୟ ସରକାରୀ ସୂତ୍ରରୁ ଦିଆଯାଇଥିବା ତଥ୍ୟ ଉପରେ ଆଧାରିତ। ୨୦୦୪ ସାଲରେ ମୋଟ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ୬୨ ହଜାର ୫୧୪ ଥିବା ବେଳେ ୨୦୦୬ ସାଲରେ ଏହା ୬୫ ହଜାର ୫୫୨କୁ ବଢିଛି। ୨୦୦୪ ଓ ୨୦୦୫ ସାଲ୍ ତୁଳନାରେ ହତ୍ୟାକାଣ୍ଡର ମାତ୍ରା ଯଥାକ୍ରମେ ୮.୬ ପ୍ରତିଶତ ଓ ୯ ପ୍ରତିଶତ ବୃଦ୍ଧି ପାଇଛି। ୨୦୦୫ ତୁଳନାରେ ୨୦୦୬ରେ ଡକାୟତିର ମାତ୍ରା ୩୪.୬ ପ୍ରତିଶତ ବଢିଛି। ଉଦ୍‌ବେଗଜନକ କଥା ହେଉଛି ୨୦୦୫ରେ ୬୯୯ଟି ଧର୍ଷଣ ମାମଲା ଦରଜ ହୋଇଥିବା ବେଳେ ୨୦୦୬ରେ ୯୮୫ଟି ଧର୍ଷଣ ମାମଲା ଦରଜ ହୋଇଛି। ଅର୍ଥାତ୍ ଗତ ବର୍ଷ ତୁଳନାରେ ଧର୍ଷଣ ମାମଲା ୨୩.୨ ପ୍ରତିଶତ ବୃଦ୍ଧି ପାଇଛି। ଅବଶ୍ୟ ଏକଥା ମଧ୍ୟ ଉଲ୍ଲେଖ କରାଯାଇଛି ଜାତୀୟ ସ୍ତରର ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରତି ଏକ ଲକ୍ଷ ଜନସଂଖ୍ୟା ପାଇଁ ୧୫୦ ଜଣ ପୁଲିସ ରହିବା ଆବଶ୍ୟକ। ଆମ ରାଜ୍ୟରେ କିନ୍ତୁ ପ୍ରତି ଏକ ଲକ୍ଷ ଜନସଂଖ୍ୟା ପାଇଁ ୯୩ ଜଣ ଅଛନ୍ତି।

ବିକାଶ ପ୍ରକ୍ରିୟା ସଂପର୍କରେ ଆଲୋଚନା କଲାବେଳେ ପ୍ରଥମେ ଯେଉଁ କଥାଟି ଦୃଷ୍ଟିରେ ପଡିବ ତାହା ହେଉଛି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ ପ୍ରତିଟି କାର୍ଯ୍ୟକ୍ରମରେ ଲଗାମ୍‌ଛଡା ବାଟମାରଣ ଓ ଦୁର୍ନୀତି। ସେ ଇନ୍ଦିରା ଆବାସ ଯୋଜନା ହେଉ କିମ୍ବା ଗରିବ ଖଟିଖିଆକୁ ବର୍ଷରେ ଅନ୍ୟୁନ ୧୦୦ ଦିନ ନିଶ୍ଚିତ କାମ ଯୋଗାଇ ଦେବା ଯୋଜନା ହେଉ; ସବୁଥିରେ ଏ ପ୍ରକାର ହେରଫେର ହେବା ଏକ ସ୍ୱୀକୃତ ଘଟଣା। ତଦନ୍ତ ହେଉଛି, କାର୍ଯ୍ୟାନୁଷ୍ଠାନ କଣ ହେଉଛି ତାହା ସ୍ପଷ୍ଟ ନୁହେଁ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ଯେଉଁମାନେ ଏହି ସବୁ ଯୋଜନା କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଅଛନ୍ତି ସେମାନଙ୍କ ମଧ୍ୟରେ ଅଙ୍ଗୀକାରବଦ୍ଧ ଓ ନିଷ୍ଠାର ଅଭାବ। ହେରଫେର ମାମଲାରେ ଏମାନଙ୍କ ସହିତ ଦଳୀୟ ରାଜନୀତିରେ ଜଡିତ କିଛି ଲୋକ ମଧ୍ୟ ହାତ ମିଳାଇଛନ୍ତି।

ଇତି ମଧ୍ୟରେ ପଞ୍ଚାୟତିରାଜ ବିଭାଗର ବଜେଟ୍ ଯାଞ୍ଚ କରିଥିବା ବିଧାନସଭାର ସର୍ବଦଳୀୟ କମିଟି ତାଙ୍କ ରିପୋର୍ଟରେ ଯାହା ଉଲ୍ଲେଖ କରିଛନ୍ତି ତାହା ନିଶ୍ଚିତଭାବେ ସରକାରୀ ଉଦାସୀନତାର ଏକ ନିଛକ ଦୃଷ୍ଟାନ୍ତ। ୨୦୦୩ ସାଲରେ ତତ୍କାଳୀନ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରାଜ୍ୟ ସରକାରଙ୍କୁ ନିର୍ଧାରିତ ଗାଇଡ୍‌ଲାଇନ୍ ଅନୁଯାୟୀ ତୁରନ୍ତ ବିପିଏଲ୍ ତାଲିକା ଚୂଡାନ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ୨୦୦୬ ସାଲ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଏହି ପରାମର୍ଶ ସଂପର୍କରେ କୌଣସି ଉତ୍ତର ଦିଆ ଯାଇ ନଥିଲା। ତାପରେ କେବଳ ସ୍ପଷ୍ଟୀକରଣ ପାଇଁ ଚିଠି ଲେଖା ଚାଲିଲା। ଆମ ମୁଖ୍ୟମନ୍ତ୍ରୀ ୨୦୦୭ ସାଲ ଜୁନ୍ ମାସରେ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖି ୨୦୦୨ ସାଲର ବିପିଏଲ ତାଲିକା ପ୍ରସ୍ତୁତିରେ କେତେକ ଅସୁବିଧା ଥିବା ଦର୍ଶାଇଥିଲେ। ନିକଟରେ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରି ବର୍ତ୍ତମାନ ପାଇଁ ୧୯୯୭ ସାଲର ବିପିଏଲ ତାଲିକା ଅନୁଯାୟୀ ଇନ୍ଦିରା ଆବାସ ଯୋଜନାରେ ଗୃହ ବଣ୍ଟନ କରିବା ଲାଗି ଅନୁମତି ଚାହିଁଥିଲେ। କେନ୍ଦ୍ରମନ୍ତ୍ରୀ ଏଥିରେ ରାଜି ହୋଇଥିବାର ଏବେ କୁହାଯାଉଛି। କିନ୍ତୁ

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ସଂଶୋଧିତ ବିପିଏଲ ତାଲିକା ଚୂଡାନ୍ତ କରାନଯିବା ଫଳରେ ଯେଉଁ ଗରିବ ଶ୍ରେଣୀର ଲୋକେ ବିଭିନ୍ନ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି ସେମାନଙ୍କ ପାଖରେ କଣ କେହି ଉତ୍ତରଦାୟୀ ନୁହନ୍ତି କି? ବିଧାନସଭା ଷ୍ଟାଣ୍ଡିଂ କମିଟି ଦର୍ଶାଇଛନ୍ତି ଯେ ଗୋଟିଏ ବ୍ଲକ୍‌ରେ ଗରିବ ଲୋକଙ୍କ ହିତ ପାଇଁ ମିଳିଥିବା ୨୩ କୋଟି ଟଙ୍କା ଖର୍ଚ୍ଚ ହୋଇନପାରି ପଡିରହିଛି । କମିଟି ଉଲ୍ଲେଖ କରିଛନ୍ତି ଯେ ନୂଆପଡା ଦରିଦ୍ରତମ ଜିଲ୍ଲାମାନଙ୍କ ମଧ୍ୟରେ ଅନ୍ୟତମ । ଏଠାରୁ ହଜାର ହଜାର ଲୋକ କାମ ଅନ୍ୱେଷଣରେ ଗାଁ ଛାଡି ଅନ୍ୟ ରାଜ୍ୟକୁ ଯାଆନ୍ତି । ଅଥଚ କୋମନା ବ୍ଲକ୍‌ରେ ବର୍ଷରେ ୧୦୦ ଦିନ ନିଶ୍ଚିତ ନିଯୁକ୍ତି ଯୋଗାଣ କାର୍ଯ୍ୟକ୍ରମରେ ମଜୁରି ବାବଦରେ ୨୨ ଲକ୍ଷରୁ ଅଧିକ ଟଙ୍କା ଶ୍ରମିକ ମାନଙ୍କୁ ମିଳିନାହିଁ । ବଲାଙ୍ଗୀର ଜିଲ୍ଲା ମିର୍ଧାପାଲିରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଗୁରୁତର ତ୍ରୁଟି ଦୃଷ୍ଟିକୁ ଆସିଛି ।

୨୦୦୬ ସାଲ ମେ ମାସ ସୁଦ୍ଧା ସାନି ବିପିଏଲ ତାଲିକା ଚୂଡାନ୍ତ ହେବ ଏବଂ ୧୦୦ ଦିନର ନିଶ୍ଚିତ କର୍ମଯୋଗାଣ ନିଷ୍ଠା ଓ ସ୍ୱଚ୍ଛତାର ସହିତ କରାଯିବ ବୋଲି ରାଜ୍ୟ ସରକାର ଦେଇ ଆସୁଥିବା ପ୍ରତିଶ୍ରୁତି ଯେ ଅର୍ଥହୀନ ହୋଇ ପଡିଛି ଏଥିରେ କେହି ଦ୍ୱିମତ ହେବେ ନାହିଁ । ବିକାଶର ପ୍ରକ୍ରିୟା ହେଉ ଅବା ଆଇନଶୃଙ୍ଖଳା ପରିସ୍ଥିତି ହେଉ, ଯେଉଁ ସବୁ ତ୍ରୁଟି ଦେଖାଯାଇଛି ଶାସନ କଳର ବିଭିନ୍ନ ସ୍ତରରେ ଥିବା ଅଧିକାରୀ ସେଥିପାଇଁ ସିଧାସଳଖ ଦାୟୀ ହେଲେ ମଧ୍ୟ ସରକାରର ମଙ୍ଗୁଆଳ ଭାବରେ ମୁଖ୍ୟମନ୍ତ୍ରୀ ତାଙ୍କର ଦାୟିତ୍ୱ ଏଡାଇ ଦେଇ ପାରିବେ କି?

Visit our Aahwaan e-Shoppe and collect e-Books and e-Zines from world over, by paying just a fraction of what it actually costs.
http://aahwaan.5gbfree.com/shop.html
You can post your ads in our website as well as our magazine for very low price, Learn How:
http://aahwaan.5gbfree.com/adwu.html
in case you need any assistance contact us.

# ରଥଯାତ୍ରା

ଭାରତର ଚଳଚ୍ଚିତ୍ର ମାୟାନଗରୀ ବଲିଉଡ୍ ମୁମ୍ବଇ । ବିଖ୍ୟାତ ମରାଠୀ ସଭ୍ୟତାର ଜୀବନ୍ତ ସହର । ଭାରତର କୋଣ ଅନୁକୋଣରୁ ଆସୁଥିବା ଲକ୍ଷାଧିକ ଲୋକଙ୍କୁ ସ୍ୱପ୍ନ ଦେଖାଉଥିବା ଓ ରୋଜଗାରର ପନ୍ଥା ଦେଖାଉଥିବା ଏହି ସହରରେ ଓଡିଆଙ୍କ ପ୍ରବଲ୍ୟ ଅନେକ ରହିଛି । ପ୍ରାୟ ଦଶ ହଜାରରୁ ଅଧିକ ଓଡିଆ ଲୋକ ଏହି ସହରରେ ବସବାସ କରନ୍ତି । ଅନେକ ଏଠାରେ ଛୋଟ ଛୋଟ ଝୋପଡ ପଟିରେ ରହୁଥିବା ଯୋଗୁଁ ଓଡିଆମାନଙ୍କ ସଠିକ ସଂଖ୍ୟା କହିବା ଅସମ୍ଭବ । ଏହି ସମସ୍ତ ଓଡିଆ କିନ୍ତୁ ଏକାଠି ହୁଅନ୍ତି ରଥଯାତ୍ରାରେ । ମୁମ୍ବଇର ସାକିନାକା ସ୍ଥିତ କୁର୍ଲା ପାଇପ୍ ଲାଇନ୍ ଧାରେ ଧାରେ ଗଢିଉଠିଥିବା ସାନ ବସ୍ତିରେ ଏକ ଭାଗରେ ଶୋଭାପାଆନ୍ତି ମହାପ୍ରଭୂ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସୁଉଚ୍ଚ ସୁନ୍ଦର ମନ୍ଦିର । ଅନେକ ବର୍ଷରୁ ଏଠାରେ ପାଳିତ ହୋଇଆସୁଛି ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା । ଏହିଠାରୁ ଦୁଇ କିଲୋମିଟର ଦୁରରେ ଅବସ୍ଥିତ ଅସ୍ଥାୟୀ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରଥକୁ ଟାଣି ନେବାର ଉତ୍ସାହ କେବଳ ଓଡିଆ ନୁହନ୍ତି, ସମଗ୍ର ମୁମ୍ବଇ ନଗରୀବାସୀଙ୍କୁ ମଧ୍ୟ ଆକର୍ଷିତ କରିବାକୁ ଲାଗିଛି । ଚଳିତବର୍ଷ ଏହି ଦିନ ପାଞ୍ଚହଜାରରୁ ଅଧିକ ଭକ୍ତଙ୍କ ଗହଣରେ ପାଳିତ ହୋଇଥିଲା ରଥଯାତ୍ରା । ସେହି ରଥଯାତ୍ରାର କିଛି ଚିତ୍ର ପଠାଇଛନ୍ତି, ମୁମ୍ବଇରେ ରହୁଥିବା ଆମର ଓଡିଆ ବନ୍ଧୁ ଶ୍ରୀ ରମଣୀ ରଞ୍ଜନ ମଲ୍ଲିକ୍ ।



Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା

Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା









Aahwaan, published by Dr Jyoti Prasad Pattnaik, MBBS, DMCH

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା




Photographs reproduced from website www.purionline.com for public viewing, please visit the website for more interesting videos and information on Rath Yatra.




ପୁରୀ ଶ୍ରୀ କ୍ଷେତ୍ରରୁ ପ୍ରକାଶିତ ଅନ୍ୟ ଏକ ୱେବ୍‌ସାଇଟ୍ ପୁରୀଅନ୍‌ଲାଇନ୍ ଡଟ୍ କମ୍ ସୌଜନ୍ୟରୁ ଆମେ ଆଣି ଦେଉଛୁ ସଂପ୍ରତ୍ତି ସମାପିତ ଶ୍ରୀକ୍ଷେତ୍ର ଘୋଷଯାତ୍ରାର କିଛି ଚିତ୍ର । ଏହି ୱେବ୍‌ସାଇଟ୍‌ରୁ ଆପଣ ପାଇପାରିବେ ରଥଯାତ୍ରା ସମ୍ବଳିତ ବିବରଣୀ ଓ ଭିଡିଓ ସବୁ, ଆଜି ହିଁ ଲଗ୍ ଅନ୍ କରନ୍ତୁ, ଏବଂ ପୁରୀ ଅନ୍‌ଲାଇନ୍ ଡଟ୍ କମ୍ ୱେବ୍‌ସାଇଟ୍‌କୁ ଯାଆନ୍ତୁ ।

ବିଗତ ଦିନମାନଙ୍କରେ ଏହି ୱେବ୍‌ସାଇଟ୍ ସୌଜନ୍ୟରୁ ଆମେ ଆଣିଦେଉଥିଲୁ ଓଡିଆ ଅନ୍‌ଲାଇନ୍ ରେଡିଓ । ବର୍ତ୍ତମାନ ବି ଆପଣ ଓଡିଆ ରେଡିଓ ଶୁଣିପାରିବେ, ଏହି ୱେବ୍‌ସାଇଟ୍‌ରେ ଏବଂ ଏହା ସହିତ ଦେଖି ପାରିବେ ଅନେକ ଭିଡିଓ ଓ ଆଲ୍‌ବମ ସଂଗୀତ ।

www.purionline.com

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଶ୍ରୀ ଜଗନ୍ନାଥଙ୍କର ଚିତାଲାଗି ପର୍ବ

ନିର୍ମଳ ମିଶ୍ର

ସ୍ନାନ୍‌ପୂର୍ଣ୍ଣିମାରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଲାଟରେ ଥିବା ଚିତାଗୁଡିକ ଉଲାଗି କରାଯାଇ ଥାଏ। ଏହି ଚିତାଗୁଡିକ ପୁନଶ୍ଚ ଶ୍ରାବଣମାସ ଅମାବାସ୍ୟା ତିଥିରେ ଲାଗିକରାଯାଇଥାଏ। ଏହାକୁ ଲଲାଟଭୂଷଣ ବା ଚିତାଲାଗି ପର୍ବ କୁହାଯାଏ।

ଶ୍ରୀ ଜଗନ୍ନାଥଙ୍କର ଚିତାଲାଗି ପର୍ବ ବା ଲଲାଟଭୂଷଣ ଯାତ୍ରା ଶଙ୍କରାଚାର୍ଯ୍ୟଙ୍କ ସମୟରୁ ପାଳିତ ହୋଇ ଆସୁଅଛି। ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ ଭକ୍ତବାହୁ ଆକ୍ରମଣ ଯୋଗୁଁ ଜଗନ୍ନାଥଙ୍କୁ ସୋନପୁରରେ ପାତାଳି କରି ରଖାଯାଇଥିଲା। ଶଙ୍କରାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଯଯତାକେଶରୀ ଜଗନ୍ନାଥଙ୍କୁ ଉଦ୍ଧାର କରିଥିଲେ। ଶ୍ରାବଣ ଅମାବାସ୍ୟା ତିଥିରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ପଦ୍ମପାଦାଚାର୍ଯ୍ୟ ରତ୍ନବେଦୀରେ ଜଗନ୍ନାଥ ମହାପ୍ରଭୂଙ୍କୁ ପଟ୍ଟାଭିଷେକ କରି ହୀରା ଚିତାଲାଗି କରିଥିଲେ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଶ୍ରୀ ହସ୍ତରୁ ଜଗନ୍ନାଥଙ୍କର ପ୍ରଥମ ଆଳତୀ ଦର୍ଶନ କରି ରାଜାଙ୍କ ସହିତ ଉପସ୍ଥିତ ସମସ୍ତ ଧର୍ମପ୍ରାଣ ଜନତା ନିଜକୁ ଧନ୍ୟମନେ କରିଥିଲେ। ସେହିଦିନ ଠାରୁ ଉତ୍କଳରେ ଶ୍ରାବଣ ଅମାବାସ୍ୟା ଚିତାଲାଗି ଅମାବାସ୍ୟା ଭାବେ ପାଳିତ ହୋଇ ଆସୁଛି ଏବଂ ପ୍ରତିବର୍ଷ ଏହିଦିନ ଶ୍ରୀ ମନ୍ଦିରରେ ଆରତୀ ଭୋଗ ମହୋତ୍ସବ ମହାସମାରୋହରେ ପାଳିତ ହୋଇ ଆସୁଅଛି। କେତେକ ଗବେଷକମାନଙ୍କ ମତରେ କୋଣାର୍କ ମନ୍ଦିରର ପ୍ରତିଷ୍ଠାତା ଲାଙ୍ଗୁଳା ନରସିଂହ ଦେବ ଗୌଡ ସାମ୍ରାଜ୍ୟର ରାଜଧାନୀ ଲକ୍ଷ୍ମଣାବତୀକୁ ଜୟ କରିବା ପରେ ମାନସିକ ପୂରଣ ହୋଇଥିବାରୁ ତିନି ଠାକୁରଙ୍କ ଲଲାଟରେ ମହାମୂଲ୍ୟର ଚିତାଲାଗି କରାଇଥିଲେ।

ଏବେ ଶ୍ରୀ ମନ୍ଦିରରେ ଚିତା ଲାଗିର ବିଧିବିଧାନ ସଂପର୍କରେ କିଛି ପ୍ରକାଶ କରାଯାଉ। ଉକ୍ତଦିବସରେ ସକାଳ ଧୂପ ସମୟରେ ବେହରଣ ଦ୍ୱାରପରେ ଭଣ୍ଡାରରୁ ଅଣାଯାଇଥିବା ଚିତାଗୁଡିକୁ ମାଜି ସଫା କରାଯାଇଥାଏ। ଏହି ଚିତାଗୁଡିକ ସ୍ନାନପୂର୍ଣ୍ଣିମା ପରେ ଠାକୁରମାନେ ଅଣସର ପିଣ୍ଡିରେ ଅବସ୍ଥାନ କରିବା ସମୟରେ ଉଲାଗି କରାଯାଇ ଭଣ୍ଡାରଘରେ ରଖାଯାଇଥାଏ। ବଳଭଦ୍ରଙ୍କର ନୀଳଚିତା ନୀଳା, ସୁଭଦ୍ରାଙ୍କର ନାଲିଚିତା ମାଣିକ୍ୟ ଓ ଶ୍ରୀ ଜଗନ୍ନାଥଙ୍କର ଧଳାଚିତା ହୀରାଖଚିତ ସୁବର୍ଣ୍ଣଚିତା ଅଟେ। ସକାଳ ଧୂପ ଶେଷରେ ମଇଲମପରେ ଶ୍ରୀ ଜଗନ୍ନାଥଙ୍କର ଅଙ୍ଗରୁ ଝୋବା କଣ୍ଠମାଳ ଉଲାଗି ହୋଇ ଭଣ୍ଡାର ଘରକୁ ଯାଇଥାଏ। ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଗୃହରେ ଅବସ୍ଥାପିତ ହୋଇଥାଆନ୍ତି। ଏହାପରେ ଦଇତା ଓ ପତି ସେବକମାନେ ତିନିଗୋଟି ଚିତାକୁ ତିନିଠାକୁରଙ୍କ ଲଲାଟରେ ଲାଗିକରି ଥାଆନ୍ତି। ଏହାପରେ ଦଇତାପତିମାନେ ନିର୍ଦ୍ଦିଷ୍ଟ ସେବକ ମାନଙ୍କୁ ଶ୍ରୀ ଅଙ୍ଗରେ ମଣାଇ ଦେଇ ବାହାରକୁ ଆସିଲା ପରେ ସିଂହାସନ ଓ ତଳଧୌତ କରାଯାଇଥାଏ। ମହାସ୍ନାନ ଓ ପୂଜା ଠାଆ ବଡିଲା ପରେ ପଞ୍ଚାମୃତ ମହାସ୍ନାନ ହୁଏ। 'ନୀଳାଦ୍ରି ମହୋଦୟ'ରେ କୁହାଯାଇଛି,

*ନିର୍ମିତାଂ ସ୍ୱର୍ଣ୍ଣରତ୍ନେନ ବିଶ୍ୱାବସୁ କୂଳୋଦ୍ଭବ:*
*ତଥାବିଦ୍ୟାପତେ ବିଂଶ୍ୟୋଲିକେଂଳଂ କୃତ ସପର୍ଯ୍ୟେତ୍*
*ପଞ୍ଚାମୃତୈସ୍ତତୋ ମନ୍ତ୍ରୀ ମହାସ୍ନାନଂ ସମାଚରେତ୍।*
*ତତୋ:ମଧ୍ୟାହ୍ନ ପୂଜାଂ ଚ କୁର୍ଯ୍ୟାନ୍ନୃପପତି ସତ୍ତମ୍।।*
*ବନ୍ଦାପନାଂ ତତ: କୁର୍ଯ୍ୟାପୂର୍ବବିଜ୍ଜଗତି ପତେ:।।*

ମଇଲମ ପରେ ଖଟଶେଯ ଗୃହରୁ ଶ୍ରୀଦେବୀ ଓ ଭୂଦେବୀ ସିଂହାସନରେ ବିଜେ କରାଯାଇଥାଏ। ମଇଲମ ଲାଗି, ମାଳ ଲାଗି ଓ ବେଶ ଲାଗିପରେ ଛଅ ମୂର୍ତ୍ତିଙ୍କ ତଣଉ ଲାଗି କରାଯାଇଥାଏ। ତତ୍ପରେ ମଧ୍ୟାହ୍ନ ଧୂପ ହୁଏ ଓ ଏହି ଧୂପରେ ଚିତଉ ପିଠା ସହ ନାନା ପିଠାପଣା ଓ କ୍ଷୀରି ଖେଚୁଡି ଭୋଗ ହୁଏ। ଏହାପରେ ଧୌତ ହୋଇ ତିନି ଠାକୁରଙ୍କ ବନ୍ଦାପନା

Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ହୋଇଥାଏ । 'ସ୍କନ୍ଦ ପୁରାଣ' ମତରେ ଶ୍ରାବଣ ଅମାବାସ୍ୟା ଦିନ ଲଲାଟ ଭୂଷଣ ବା ଚିତାଲାଗି ପର୍ବ ପାଳନ କରାନଗଲେ ବର୍ଷକ ମଧ୍ୟରେ ଜଗନ୍ନାଥଙ୍କର ସମସ୍ତ ଯାତ୍ରା ପାଳନରୁ ଅର୍ଜିତ ହୋଇଥିବା ପୁଣ୍ୟ କ୍ଷୟ ହୋଇଯାଏ । 'ସ୍କନ୍ଦ ପୁରାଣ'ରେ



କୁହାଯାଇଛି;

*ଲଲାଟଭୂଷଣଂ ଯାତ୍ରା ଶ୍ରାବଣେ ଯୋ ନ କୁର୍ବନ୍ତି*
*ତାବଦ୍ ବର୍ଷ ପୁଣ୍ୟ ଫଳଂ ନଶ୍ୟତ୍ୟାଷ୍ଟ ନ ସଂଶୟଃ ।।*

ପୋଖରିଆ ସାହି, ପୁରୀ







Nyasa Nabodita Presents

ଦ୍ୱିତୀୟ ବର୍ଷ
ସପ୍ତମ ସଂଖ୍ୟା
Vol: 2 Issue: 7
August, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

## ବିଶେଷ ସୂଚନା

ଆମର ଚଳିତ ସଂସ୍କରଣ ଆପଣ ମାନଙ୍କୁ କେମିତି ଲାଗିଲା ଜଣାଇବେ । ଯଦି କୌଣସି ବନ୍ଧୁ ନିଜସ୍ୱ ଲେଖା ଆମ ପତ୍ରିକାରେ ଛାପିବାକୁ ଚାହୁଁଥାନ୍ତି, ତେବେ ସେ ନିଜ ହସ୍ତ ଲିଖିତ କିମ୍ବା ସୁନ୍ଦର ଭାବେ ଟାଇପ୍ କରାଯାଇଥିବା ନିର୍ଭୁଲ ଲେଖା ମୋ ପାଖକୁ ଚିଠି ମାଧ୍ୟମରେ କିମ୍ବା ଇ-ମେଲ ଦ୍ୱାରା ପ୍ରେରଣ କରି ପାରିବେ ।

ଇ-ମେଲ୍ ଦ୍ୱାରା ପ୍ରେରଣ କରିବା ପୂର୍ବରୁ କିଛି ବିଶେଷ ସୂଚନା । ଆପଣ ହସ୍ତ ଲିଖିତ ଲେଖାକୁ କଂପ୍ୟୁଟର ଦ୍ୱାରା ସ୍କାନିଂ କରିବା ପରେ ଧ୍ୟାନ ଦେବେ ଯେମିତି ସ୍କାନ୍ ହୋଇଥିବା ଚିତ୍ରଟିର ଆକାର ବହୁତ ବଡ ନ ହୁଏ, ଏଥିପାଇଁ ସ୍କାନ୍ କଲାପରେ ଚିତ୍ରଟିକୁ ମାଇକ୍ରୋସଫ୍ଟ ପେଣ୍ଟ୍ ରେ ଖୋଲିବେ ଏବଂ ଅନ୍ୟ ଏକ ନାମରେ ସେଭ୍ କରିବେ, ଦେଖିବେ ଫୋଟର ଆକାର ଦଶଭାଗ କମିଯିବ । ଏହାପରେ ଯଦି ଫୋଟଟି ୨୦୦ରୁ ୪୦୦ କେବି ହୋଇଥାଏ ସିଧା ଇ-ମେଲ୍ କରିବେ, ନଚେତ୍ ଯଦି ପିଡିଏଫ୍ କରିବା ସୁବିଧା ଥାଏ ତେବେ ପିଡିଏଫ୍ କରି ପଠାଇ ପାରିବେ । ପିଡିଏଫ୍ କରିବା ପାଇଁ ଆପଣଙ୍କୁ ପିଡିଏଫ୍ ସଫ୍ଟୱେର୍ ଦରକାର ପଡିପାରେ । ଗୁଗୁଲ୍ ସର୍ଚ୍ଚ କରି ଆପଣ ଫ୍ରି ପିଡିଏଫ୍ ସଫ୍ଟୱେର୍ ପାଇପାରିବେ । ଅସୁବିଧା ଯଦି ହେଉଥାଏ ତେବେ ମୋ ପାଖକୁ ଇ-ମେଲ୍ କରନ୍ତୁ, ଆପଣଙ୍କ ଅସୁବିଧାକୁ ସୁବିଧାରେ ପରିଣତ କରିଦେବାର ବ୍ୟବସ୍ଥା ଅବଶ୍ୟ କରିଦେବି ।

ଆମ ପତ୍ରିକାର ଉନ୍ନତି ପାଇଁ ଆବଶ୍ୟକ ଅର୍ଥ, ଏବଂ ଏହାର ଅଭାବ ଯୋଗୁଁ ଆମେ ଆପଣ ମାନଙ୍କୁ ସେହି ସବୁ ସୁବିଧା ଦେଇ ପାରୁନାହୁଁ ଯାହା ଆପଣ ଦରକାର କରନ୍ତି, ଯଥା ମାଗଣା ସଫ୍ଟୱେର୍, ଗୀତ, ଚିତ୍ର, ଭିଡିଓ ଇତ୍ୟାଦି । ସେଇଥି ପାଇଁ ଆମେ ଆହ୍ୱାନ କରୁଛୁ ଆପଣମାନଙ୍କ ପାଖରୁ କିଛି ସାହାଯ୍ୟ ପାଇଁ। ଆମକୁ ସାହାଯ୍ୟ କରନ୍ତୁ ଆହ୍ୱାନକୁ ଆଗେଇନେବାରେ ସହାୟକ ହୁଅନ୍ତୁ ।

Please help us serve you better, please advertise with us and reach the Global Odia Community. Each month our website is visited by hundreds of Odia people from all over the world and they download the latest issue of this magazine “Aahwaan”. This magazine can provide you a better medium to propagate your own message. Trust us and send your advertisements on this e-Magazine as well as our website. The download page of our website is visited by thousands of readers of Aahwaan, every month and we provide space for advertisements in the page at cheap rates. Please visit our website for the Tariff card and other details: http://aahwaan.5gbfree.com/adwu.html Here we provide you the rates for putting ads on this magazine.

| | |
|---|---|
| *Small Column (Example: Page 9):* | Rs 300.00 |
| *Small Column (Example: Page 14):* | Rs 400.00 |
| *Quarter Page:* | Rs 700.00 |
| *Half Page:* | Rs 1200.00 |
| *Full Page:* | Rs 2500.00 |
| *Banner at top: (Example: Page 16)* | Rs 500.00 |

Please Support us. The revenue generated by putting ads in the magazine will help make this magazine much more attractive, better and with more interesting articles from renowned writers. We can also improve our website, by buying our own webspace and name. Please help us.

ଆମ ସହ ଯୋଗାଯୋଗର ଠିକଣା:

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ,
ଏମ୍‌ବିବିଏସ୍, ଡିଏମ୍‌ସିଏଚ୍
ସଂପାଦକ, ‘ଆହ୍ୱାନ’
ବୀମା ନଗର, ଆମ୍ବପୁଆ ମେଇନ୍‌ରୋଡ୍
ବ୍ରହ୍ମପୁର, ୭୬୦୦୧୦, ଓଡିଶା
ଫୋନ୍: ୦୬୮୦-୩୨୯୬୫୩୨ / ୨୪୦୪୧୭୦
ମୋବାଇଲ: ୯୮୬୧୯୬୨୧୬୦